
୦୭ ସେପ୍ଟେମ୍ବର ୨୦୨୫ ରବିବାର





**ଧୀରେଧୀରେ ଆଞ୍ଚଳିକ ସିନେମାର କ୍ରେଜ ବଢିବାରେ ଲାଗିଛି । ଦର୍ଶକ ବର୍ତ୍ତମାନ ବଲିଉଡ ଫିଲ୍ମକୁ ପଛରେ ପକାଇ ଆଞ୍ଚଳିକ ଫିଲ୍ମ ପାଇଁ ଆଗ୍ରହ ଦେଖାଉଥିବା ଦେଖିବାକୁ ମିଳୁଛି । ଏପରିକି ଆଞ୍ଚଳିକ ଫିଲ୍ମର ଏହି ପ୍ରଗତି ବଲିଉଡ ପାଇଁ ଏକ ଆହ୍ୱାନ ବୋଲି ସମୀକ୍ଷକ ମତ ଦେବାରେ ଲାଗିଛନ୍ତି ।**

ଭାରତ ଏକ ବହୁଭାଷୀ ଦେଶ। ଏହାର ଯେତେ ରାଜ୍ୟ ସେତେ ଭାଷା । ପ୍ରତିଟି ଭାଷାର ରହିଛି ସ୍ୱତନ୍ତ୍ର ପରିଚୟ। ଅନେକ ରାଜ୍ୟରେ ସେମାନଙ୍କର ନିଜସ୍ୱ ଭାଷା ରହିବା ସହିତ ଏହି ଭାଷାର ପ୍ରଭାବ ପାଠପଢାଠାରୁ ଆରମ୍ଭ କରି ମନୋରଞ୍ଜନ ଇଣ୍ଡଷ୍ଟ୍ରୀ ସବୁସ୍ଥାନରେ ଦେଖିବାକୁ ମିଳିଥାଏ । ପ୍ରତିଟି ରାଜ୍ୟର ନିଜସ୍ୱ ମନୋରଞ୍ଜନର ଭାଷା ରହିଥାଏ । ଏଠାରେ ଆଞ୍ଚଳିକ ଭାଷାରେ ଫିଲ୍ମ ନିର୍ମାଣ ହୋଇଥାଏ, ଯାହା ସେଠିକାର ଲୋକଙ୍କର ଜୀବନଧାରାକୁ ପ୍ରକାଶ କରିଥାଏ । ସେଠିକାର ଲୋକଙ୍କ ଚାଲିଚଳଣି, ଜୀବନ ବଞ୍ଚିବାର ଶୈଳୀ ଆଦିକୁ ଏହି ଫିଲ୍ମ ମାଧ୍ୟମରେ ପ୍ରକାଶ କରାଯାଇଥାଏ । ସେଠିକାର ସଂସ୍କୃତି, ପରମ୍ପରାକୁ ପରଦା ଉପରେ ସାରା ବିଶ୍ୱ ତଥା ଦେଶରେ ପହଞ୍ଚାଇବାକୁ ଚେଷ୍ଟା କରାଯାଇଥାଏ । ତେବେ ଅନେକ ବର୍ଷ ପୂର୍ବରୁ ଏହି ଫିଲ୍ମ ଇଣ୍ଡଷ୍ଟ୍ରୀ ଗୁଡିକ ଖୁବକମ ଅଞ୍ଚଳରେ ସୀମିତ ରହୁଥିଲା । ଏଥିରେ କାମ କରୁଥିବା ଅଭିନେତା ଅଭିନେତ୍ରୀଙ୍କୁ ସେଭଳି ପ୍ରଶଂସା ମଧ୍ୟ ମିଳୁନଥିଲା । ଯାହା ସେମାନଙ୍କର କାର୍ଯ୍ୟ କରିବାର ଆଗ୍ରହ ଉପରେ ପ୍ରଭାବ ପକାଉଥିଲା । ଅନେକ ପ୍ରତିଭାବାନ କଳାକାର ଏହି ଫିଲ୍ମକୁ ନିଜ କ୍ୟାରିୟର ଭାବେ ଗ୍ରହଣ କରିବାକୁ ପଛାଉଥିଲେ । ହେଲେ ବର୍ତ୍ତମାନ ପରିସ୍ଥିତି ବଦଳିଛି । ଆଞ୍ଚଳିକ ଚଳିଚ୍ଚିତ୍ରର ଭାଗ୍ୟରେ ପରିବର୍ତ୍ତନ ଘଟିଛି । ବର୍ତ୍ତମାନ ଦେଶର ବିଭିନ୍ନ ଆଞ୍ଚଳିକ ସିନେମା ଯେପରି ତାମିଲ, ତେଲୁଗୁ, ମାଲାୟଲମ, କାନ୍ନାଡା, ମରାଠି, ଓଡିଆ ଫିଲ୍ମ ଗୁଡିକ ଜାତୀୟ ସ୍ତରରେ ଏପରିକି ବିଶ୍ୱସ୍ତରରେ ନିଜ ପରିଚୟ ସୃଷ୍ଟି କରିବା ଆରମ୍ଭ କରିଛନ୍ତି । ଏହା ଯେପରି ବର୍ତ୍ତମାନ ଭାରତୀୟ ଚଳିଚ୍ଚିତ୍ର ଜଗତର ଭାଗ୍ୟ ବଦଳାଇ ଦେଇଛନ୍ତି । ବର୍ତ୍ତମାନ ଏହି ସମସ୍ତ ଫିଲ୍ମ ଇଣ୍ଡଷ୍ଟ୍ରୀ ବଲିଉଡକୁ ଟକ୍କର ଦେବା ଆରମ୍ଭ କରିଛନ୍ତି । ଏହି ଭାଷାଭାଷୀର ଫିଲ୍ମ ଗୁଡିକ କଲେକସନରେ ବଲିଉଡ ଫିଲ୍ମକୁ ପଛରେ ପକାଇବା ଆରମ୍ଭ କରିଛନ୍ତି । ସେହିଭଳି ଏହି ଫିଲ୍ମର ଅଭିନେତାଙ୍କ କ୍ରେଜ ମଧ୍ୟ ଜାତୀୟ ତଥା ବିଶ୍ୱ ସ୍ତରରେ ଦେଖିବାକୁ ମିଳୁଛି । ଏହି ଆଞ୍ଚଳିକ ଫିଲ୍ମ ଗୁଡିକ ସାମାଜିକ ସ୍ତରରେ ମଧ୍ୟ ପ୍ରଭାବ ପକାଉଛନ୍ତି । ବିଭିନ୍ନ ପ୍ରକାର ଆଞ୍ଚଳିକ ସମସ୍ୟା ଅସୁବିଧାକୁ ଫିଲ୍ମ ଜରିଆରେ ଏହି ଇଣ୍ଡଷ୍ଟ୍ରୀ ଆଗକୁ ଆଣୁଛନ୍ତି । ତେବେ ବର୍ତ୍ତମାନ ଆଞ୍ଚଳିକ ଫିଲ୍ମର





ଏତେ ମାତ୍ରାରେ ପ୍ରଚାର ପ୍ରସାର ପଛରେ ଓଟିଟି ପ୍ଲାଟଫର୍ମଙ୍କର ବିଶେଷ ହାତ ରହିଛି । ବର୍ତ୍ତମାନର ଯୁଗ ଓଟିଟି ବିପ୍ଳବ ଦେଖୁଛି, ଯାହା ବିଶେଷଭାବେ ମନୋରଞ୍ଜନ ଇଣ୍ଡଷ୍ଟ୍ରୀକୁ ପରିବର୍ତ୍ତନ କରିବାରେ ଲାଗିଛି । ଭାରତୀୟ ସିନେମାରେ ଚାଲୁଥିବା ଏକଚାଟିଆ ଅଧିକାରର ଅନ୍ତ ହୋଇଛି । ଛୋଟ ହେଉ କି ବଡ ସମସ୍ତଙ୍କୁ ସମାନ ଭାବେ ସୁଯୋଗ ମିଳିବାରେ ଲାଗିଛି। ବର୍ତ୍ତମାନ ଆଞ୍ଚଳିକ ସିନେମାକୁ ଭାଷାଗତ ଭିନ୍ନତାର ଡର ନାହିଁ । ବର୍ତ୍ତମାନ ପ୍ରାୟ ସମସ୍ତ ଫିଲ୍ମରେ ଇଂରାଜୀରେ ସବ୍ ଟାଇଟଲ ଦିଆଯାଉଛି ଯାହା ଦର୍ଶକଙ୍କ ପାଇଁ ଭାଷା ବୁଝିବାରେ ଅସୁବିଧା ହେଉନାହିଁ । ସେହିଭଳି ଆଉଏକ ମାଧ୍ୟମ ହେଲା ଡବିଂ । ଅନେକ ଆଞ୍ଚଳିକ ଫିଲ୍ମ ବର୍ତ୍ତମାନ ଡବିଂ ହୋଇ ରିଲିଜ୍ ହେଉଛି, ଯେଉଁକାରଣରୁ ସେଗୁଡ଼ିକୁ ସମସ୍ତେ ଦେଖିବା ଓ ବୁଝିବାରେ ସକ୍ଷମ ହେଉଛନ୍ତି। ତେଣୁ ଫିଲ୍ମ ବ୍ୟବସାୟ କରିବାରେ ଆଉ ଭାଷାଗତ କିମ୍ବା ପରମ୍ପରାର ବାଧା ରହୁ ନାହିଁ । ସେହିଭଳି ବର୍ତ୍ତମାନ ଦର୍ଶକଙ୍କର ଟେଷ୍ଟ ମଧ୍ୟ ବଦଳୁଛି । ସେମାନେ ବର୍ତ୍ତମାନ ଭଲ କାହାଣୀ ଦେଖିବାକୁ ପସନ୍ଦ କରୁଛନ୍ତି। ତେଣୁ କିଛି ଆଞ୍ଚଳିକ ସିନେମା ନିଜର ଉଚ୍ଚକୋଟିର କାହାଣୀ ପାଇଁ ଦର୍ଶକଙ୍କ ହୃଦୟରେ ରାଜ କରୁଛନ୍ତି । ପ୍ରତିଟି ଫିଲ୍ମରେ ପାରମ୍ପରିକ ଛୁଙ୍କ, ସତେଜ କାହାଣୀ ଓ ନିଖୁଣ ଅଭିନୟ ଦେଖିବାକୁ ମିଳୁଛି । ମନକୁ ଛୁଇଁଲା ଭଳି ଅନେକ ଆଞ୍ଚଳିକ ସିନେମା ବର୍ତ୍ତମାନ ପରଦାକୁ ଆସୁଛି ଯାହା ଭାରତୀୟ ସିନେମାର ନୂଆ ମୁହଁ ଭାବେ ଉଭା ହୋଇଛି ।

## କ'ଣ କହୁଛି ବକ୍ସ ଅଫିସ

ବିଗତ ତିନିବର୍ଷର ରେକର୍ଡ ଦେଖିଲେ ବକ୍ସ ଅଫିସର ତଥ୍ୟ ମଧ୍ୟ ଏହି ବିଷୟ ସଂକ୍ରାନ୍ତରେ ଅନେକ କିଛି କହୁଛି । ୨୦୨୪ର ରିପୋର୍ଟ ଦେଖିଲେ ସମସ୍ତ ଆଞ୍ଚଳିକ ଫିଲ୍ମଙ୍କର ଆୟ ଖୁବ ଅଧିକ ରହିଛି । ଏପରିକି ଅନେକ ଫିଲ୍ମ ବଲିଉଡର ବଡ ବଡ ପ୍ରୋଜେକ୍ଟର ରେକର୍ଡ କାଟିଥିବା ନଜରକୁ ଆସିଛି। ଯାହା ଦର୍ଶାଇଛି କି ଲୋକମାନେ ଆଞ୍ଚଳିକ ଫିଲ୍ମକୁ ଭଲପାଇବା ଦେଉଛନ୍ତି। ତଥ୍ୟ ଅନୁସାରେ ହିନ୍ଦି ସିନେମାର ବକ୍ସ ଅଫିସ କଲେକସନ୍ ୨୦୨୩ରେ ୪୪ ପ୍ରତିଶତ, ୨୦୨୪ରେ ୪୦ ପ୍ରତିଶତ କମିଛି । ସେହିଭଳି ହିନ୍ଦି ସିନେମାରୁ ଡବିଂ ଫିଲ୍ମ କାଟିଦେଲେ ଏହାର ଆୟ ୩୭ ପ୍ରତିଶତ କମିଥିବା ନଜରକୁ ଆସୁଛି । ୨୦୨୪ରେ ବିଶେଷଭାବେ ସାଉଥ ଫିଲ୍ମ ଗୁଡିକ ହିନ୍ଦି ଫିଲ୍ମର କଲେକସନ୍ ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା ଦେଖିବାକୁ ମିଳିଥିଲା। ତେଲୁଗୁ, ତାମିଲ, ମଲାୟଲମ, କନାଡା ଭାଷାର ଫିଲ୍ମ ଗୁଡିକ ବଲିଉଡ ଫିଲ୍ମଠାରୁ ୨୦ ପ୍ରତିଶତ ଅଧିକ ଆୟ କରିଥିବା ଜଣା ପଡିଥିଲା । ସାଉଥ ଇଣ୍ଡିଆର ଫିଲ୍ମ ଇଣ୍ଡଷ୍ଟ୍ରୀ ଯେପରି ବର୍ତ୍ତମାନ ମନୋରଞ୍ଜନ ମାର୍କେଟର ନୂଆ ଲିଡର ଭାବେ ଉଭା ହୋଇଛି ।

- ➤ତେଲୁଗୁ ଫିଲ୍ମ ୨୦ ପ୍ରତିଶତ ମାର୍କେଟ ସେୟାର (୧,୬୦୦ ରୁ ୧୭୦୦ କୋଟି )
- ➤ତାମିଲ ଫିଲ୍ମ ୧୫ ପ୍ରତିଶତ (୧୨୦୦ ରୁ ୧୩୦୦ କୋଟି)
- ➤ମାଲାୟଲମ ଫିଲ୍ମ ୧୦ ପ୍ରତିଶତ ବଢିଛି, ଯାହା ଶହେ କୋଟିରୁ ଅଧିକ ।
- ➤କାନ୍ନାଡା ଫିଲ୍ମ ମଧ୍ୟ ତାଲିକାରେ ରହିଛି ।
- ➤ଓଡିଆ ଓ ମରାଠି ଫିଲ୍ମରେ ମଧ୍ୟ ଫିଲ୍ମ ଗୁଡିକ ଆଞ୍ଚଳିକ ସ୍ତରରେ ଖୁବ ଭଲ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି ।

## ବଢୁଛି ଗୁଜରାଟୀ ଇଣ୍ଡଷ୍ଟ୍ରୀ

ବର୍ତ୍ତମାନ ସାଉଥ ଇଣ୍ଡଷ୍ଟ୍ରୀ ଏହି ତାଲିକାରେ ଆଗରେ ଥିବାବେଳେ ଏଥିରେ ଅନ୍ୟ ଆଞ୍ଚଳିକ ଫିଲ୍ମ ଇଣ୍ଡଷ୍ଟ୍ରୀ ମଧ୍ୟ ସାମିଲ ରହିଛି । ଗୁଜୁରାଟୀ ଇଣ୍ଡଷ୍ଟ୍ରୀ ମଧ୍ୟ ବର୍ତ୍ତମାନ ଖବରରେ ରହିବାକୁ ଲାଗିଛି । ଏହାର ଫିଲ୍ମ ମଧ୍ୟ ପ୍ୟାନ ଇଣ୍ଡିଆରେ ହିଟ୍ ହେବାରେ ଲାଗିଛି । ୨୦୨୪ରେ ମିଳିଥିବା ସୂଚନା ଅନୁସାରେ ଗୁଜୁରାଟୀ ଫିଲ୍ମର ଗ୍ରୋଥ ପାଖାପାଖି ୬୬ ପ୍ରତିଶତ ରହିଥିଲା । ଏହି ବର୍ଷରେ ଗୁଜୁରାଟୀ ଇଣ୍ଡଷ୍ଟ୍ରୀରେ ୮୪ କୋଟିର ଆୟ କରିଥିଲା । ଏହା ଭାରତର ଆଞ୍ଚଳିକ








# ବକ୍ସ ଅଫିସ ରାଜା

**୨୦୨୪ରେ କିଛି ଆଞ୍ଚଳିକ ଫିଲ୍ମ ଦର୍ଶକଙ୍କ ହୃଦୟ ସହିତ ବକ୍ସ ଅଫିସ ରାଜା ଭାବେ ବିବେଚିତ ହୋଇଥିଲା । ଏହି ଫିଲ୍ମ ଗୁଡିକର ଆୟ ସେମାନଙ୍କୁ ଏକ ନୂଆ ରେକର୍ଡ ତାଲିକାରେ ସାମିଲ କରିଥିଲା । ଏହି ତାଲିକାରେ ଥିବା ଆଞ୍ଚଳିକ ଫିଲ୍ମ ହିନ୍ଦି ଫିଲ୍ମର ସମସ୍ତ ରେକର୍ଡକୁ ମଧ୍ୟ କାଟିଦେଇଥିଲା ।**







ସିନେମାଙ୍କର ଗ୍ରୋଥକୁ ଦର୍ଶାଉଛି । ଗୁଜୁରାଟର ଏଭଳି ଅନେକ ଷ୍ଟାର ଅଛନ୍ତି ଯେଉଁମାନେ ପୂରା ଭାରତରେ ନିଜ ଅଭିନୟ ପାଇଁ ଖୁବ ପରିଚିତ ହୋଇ ପାରିଛନ୍ତି । ଏହି ତାଲିକାରେ ଚାଲ ଜେଭି ଲାଇଏ, ହେଲାରୋ, ତିନ୍ ଏକ୍କା, ଫକତ୍ ମହିଲାଓ ମାଟେ ଭଳି ଫିଲ୍ମ ସାମିଲ ରହିଛି । ଏଥିରୁ ହେଲାରୋ ଫିଲ୍ମକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ଏହି ସମସ୍ତ ଫିଲ୍ମକୁ ଦର୍ଶକ ଖୁବ ଭଲ ପାଇବା ଦେଇଛନ୍ତି ।

## ବଢ଼ିଛି ଆୟ

ନିକଟରେ ଆଞ୍ଚଳିକ ଫିଲ୍ମ ଗୁଡ଼ିକର ଆୟ ବଢ଼ିବାରେ ଲାଗିଛି । ବକ୍ସ ଅଫିସରେ ଏଗୁଡ଼ିକ ଖୁବ ଅଧିକ ଆୟ କରୁଥିବା ସାମନାକୁ ଆସିଛି । ଅନେକ ଏଭଳି ଫିଲ୍ମ ପରଦାକୁ ଆସିଛି ଯାହା ବଲିଉଡର ଅନେକ ରେକର୍ଡକୁ କାଟିଛି । ଏଥିରେ ଏକାଧିକ ଆଞ୍ଚଳିକ ଭାଷାର ଫିଲ୍ମ ସାମିଲ ରହିଛି । ଏଥିରେ ସାଉଥର ପୁଷ୍ପା ଫିଲ୍ମ ସବୁଠାରୁ ଆଗରେ ରହିଛି । ଏହାର ହିନ୍ଦି ଡବିଂ ଫିଲ୍ମ ୨୦୨୫ ସୁଦ୍ଧା ବକ୍ସ ଅଫିସରେ ୮୦୦ କୋଟିର ଆୟ କରିଛି ବୋଲି ସୂଚନା ରହିଛି । ସେହିଭଳି ତେଲୁଗୁ ଫିଲ୍ମ କଲ୍କି ୭୦୦ କୋଟିରୁ ଅଧିକ ଆୟ କରିଛି । ଆଉ ଏକ ଫିଲ୍ମ ହେଲା ମାଲାୟଲମ ଫିଲ୍ମ ମଞ୍ଜୁମେମେଲ୍ ବଏଜ୍ ଯାହା ବିଶ୍ୱସ୍ତରରେ ୧୬୪ କୋଟିର ଆୟ କରିଛି । ଏହା ବଲିଉଡ ଫିଲ୍ମର ବକ୍ସ ଅଫିସ ଆୟକୁ କାଟିଛି ।

## କମୁଛି ବଲିଉଡର ଆୟ

ବଲିଉଡ ଫିଲ୍ମର ମାର୍କେଟ ସେୟାର ଧୀରେଧୀରେ କମିବାରେ ଲାଗିଛି । ଏହାର ମାର୍କେଟ ସେୟାର ୨୦୨୩ ଅପେକ୍ଷା ୨୦୨୪ରେ କମିଥିଲା । ଏହା ୨୦୨୩ରେ ୪୪ ପ୍ରତିଶତ ଥିବାବେଳେ କମି ୨୦୨୪ରେ ୪୦ ପ୍ରତିଶତରେ ପହଞ୍ଚିଥିଲା । ତେବେ ଯଦି ଆମେ ସାଉଥ କିମ୍ବା ଅନ୍ୟ ଆଞ୍ଚଳିକ ଫିଲ୍ମର ଡବିଂ ଫିଲ୍ମରୁ ଆୟ କାଟିଦେବା ତେବେ ଏହି ସଂଖ୍ୟା ୩୭ ପ୍ରତିଶତରେ ପହଞ୍ଚିଯିବ । ଏଥିରେ ସବୁଠାରୁ ଆଗରେ ରହିଛି ସାଉଥ ଇଣ୍ଡଷ୍ଟ୍ରୀ । ହିନ୍ଦୀ ଇଣ୍ଡଷ୍ଟ୍ରୀର ଆୟରେ ସାଉଥ୍ ଡବିଂ ଫିଲ୍ମ ଗୁଡିକର ଯୋଗଦାନ ୩୧ ପ୍ରତିଶତ ରହୁଛି । ତେଣୁ ଏହାକୁ କାଟିଦେଲେ ହିନ୍ଦୀ ଫିଲ୍ମର ଆୟରେ ଆହୁରି ହ୍ରାସ ଦେଖିବାକୁ ମିଳିବ ।

**ପୁଷ୍ପା ୨**

ତେଲୁଗୁ ଫିଲ୍ମ ପୁଷ୍ପାର ସିକ୍ୟୁଏଲ ପୁଷ୍ପା ୨, ୨୦୨୪ରେ ପରଦାକୁ ଆସିଥିଲା । ଏହାର ପ୍ରଥମ ଭାଗ ଭଳି ଦ୍ୱିତୀୟ ଭାଗ ମଧ୍ୟ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା, ଏହାର ବକ୍ସ କଲେକସନ୍ ଯାହାର ପ୍ରମାଣ ଥିଲା । ଏହି ଫିଲ୍ମର ଆୟ ଥିଲା






୧୪୦୫ କୋଟି, ଯାହା ଏକ ରେକର୍ଡସ୍ତରୀୟ ଆୟ ଥିଲା । କେବଳ ଏହାର ତେଲୁଗୁ ଭର୍ସନ ନୁହେଁ ହିନ୍ଦୀ ଭର୍ସନ ମଧ୍ୟ ଲୋକଙ୍କୁ ଖୁବ ଭଲ ଲାଗିଥିଲା ଏବଂ ଏହାର ଆୟ ମଧ୍ୟ ଅଧିକ ରହିଥିଲା, ଯାହା ଅନେକ ବଲିଉଡ ଫିଲ୍ମର ଆୟଠାରୁ ଢେରଗୁଣ ଅଧିକ ରହିଥିଲା । ଏଥିରେ ଦର୍ଶକ ଅଲ୍ଲୁ ଅର୍ଜୁନ ଓ ରଶ୍ମିକାଙ୍କୁ ଦେଖିବାକୁ ପାଇଥିଲେ ।

## କଳ୍କୀ

ତେଲୁଗୁର ଆଉ ଏକ ଫିଲ୍ମ କଳ୍କୀ ଯାହା ଜାତୀୟ ସ୍ତର ସହିତ ଦେଶ ବାହାରେ ମଧ୍ୟ ନିଜ କ୍ରେଜକୁ ବଜାୟ ରଖିପାରିଥିଲା । ଏହି ଫିଲ୍ମର ୨୦୨୪ରେ ଆୟ ରହିଥିଲା ୭ ୭ ୬ କୋଟି, ଯାହା ଏକ ରେକର୍ଡ ସେଟ କରିଥିଲା । ଆଞ୍ଚଳିକ ଫିଲ୍ମ ହେଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ଏକ ଉଦାହରଣ ସାଜିଥିଲା । ଏଥିରେ ଏକାଧିକ ବଲିଉଡ କଳାକାରଙ୍କୁ ଦେଖିବାକୁ ମିଳିଥିଲା । ଏଥିରେ ବଲିଉଡର ନାମୀ କଳାକାର ଦୀପିକା ପାଦୁକୋନ୍ ଓ ଅମିତାଭ ବଚ୍ଚନଙ୍କୁ ଦର୍ଶକ ଦେଖିବାକୁ ପାଇଥିଲେ । ଲିଡ୍ ରୋଲରେ ପ୍ରଭାସଙ୍କୁ ଦର୍ଶକ ଦେଖିଥିଲେ ।

## ଦେବରା

ଜୁନିଅର ଏନ୍ ଟିଆରଙ୍କ ଅଭିନୀତ ତେଲୁଗୁ ଫିଲ୍ମ ଦେବରାର ଆୟ ସମସ୍ତଙ୍କୁ ଚକିତ କରିଥିଲା ।ଏହା ଲାଇଫ୍ ଟାଇମ୍ ଆୟ ରହିଥିଲା ୩୪୭ କୋଟି । ଏକ ଆଞ୍ଚଳିକ ଫିଲ୍ମ ହୋଇମଧ୍ୟ ଏହାର ଆୟ ସମସ୍ତଙ୍କୁ ଚକିତ କରିଥିଲା । ଏହାର ଦମଦାର କାହାଣୀକୁ ଦର୍ଶକ ଖୁବ ଭଲପାଇବା ଦେଇଥିଲେ ।

## ଦି ଗ୍ରେଟେଷ୍ଟ ଅଫ୍ ଅଲ ଟାଇମ

ତାମିଲ ଫିଲ୍ମ ଦି ଗ୍ରେଟେଷ୍ଟ ଅଫ ଅଲ ଟାଇମର କାହାଣୀ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା । ଏହି ଆକସନ୍ ଥ୍ରିଲର ଫିଲ୍ମଟି ଦର୍ଶକଙ୍କୁ ଏକ ଭିନ୍ନ ଦୁନିଆକୁ ନେଇଥିଲା, ଯାହାକୁ ସେମାନେ ଖୁବ ପସନ୍ଦ କରିଥିଲେ, ଏବଂ ଏହାର ବକ୍ସ ଅଫିସ କଲେକସନ୍ ବଢିଥିଲା । ଏହା ୩୦୫ କୋଟିର ରୋଜଗାର କରି ରେକର୍ଡ ସେଟ କରିଥିଲା ।


ଏହା ଆୟରେ ଅନେକ ବଲିଉଡ ଫିଲ୍ମକୁ ପଛରେ ପକାଇଦେଇଥିଲା ।

## ଓଟିଟିର ଭୂମିକା

ଆଞ୍ଚଳିକ ଫିଲ୍ମକୁ ବିଶ୍ୱସ୍ତରୀୟ ତଥା ଜାତୀୟସ୍ତରରେ ବହୁଳମାତ୍ରାରେ ପରିଚିତ କରାଇବାରେ ଓଟିଟିର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହି ପ୍ଲାଟଫର୍ମ ଗୁଡିକୁ ବ୍ୟବହାର କରି ସେମାନେ ଦର୍ଶକଙ୍କର ବେଶି ନିକଟତର ହୋଇ ପାରିଛନ୍ତି । ଓଟିଟି ପ୍ଲାଟଫର୍ମ କାରଣରୁ ବର୍ତ୍ତମାନ ଲୋକଙ୍କ ଫିଲ୍ମ ଦେଖାର ପରିଭାଷା ବଦଳିଛି । ଏହାକାରଣରୁ ଆଞ୍ଚଳିକ ଫିଲ୍ମ ଜାତୀୟସ୍ତର ସହିତ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ସ୍ଥାନ ପାଇପାରୁଛି । ତେଣୁ ଏହାର ଦର୍ଶକଙ୍କ ସଂଖ୍ୟା ଧୀରେଧୀରେ ବଢିଚାଲିଛି । ଗ୍ଲୋବାଲ ପ୍ଲାଟଫର୍ମ ଯେପରି ନେଟଫ୍ଲିକ୍ସ, ଆମାଜନ ପ୍ରାଇମ ଏଥିସହ ଜାତୀୟ ସ୍ତରରେ ଆହା,ହୋଇଚୋଇ, ପ୍ଲାନେଟ୍ ମରାଠି ଭଳି ଓଟିଟି ପ୍ଲାଟଫର୍ମ କାରଣରୁ ସମସ୍ତ ଆଞ୍ଚଳିକ ଫିଲ୍ମକୁ ଦର୍ଶକଙ୍କ ପାଖରେ ସହଜରେ ପହଞ୍ଚିବାର ସୁଯୋଗ ମିଳୁଛି । ଏହି କାରଣରୁ ଆମେରିକାରେ ବସି ମଧ୍ୟ ଲୋକ ସାଉଥ ଫିଲ୍ମ ଦେଖିବାର ସୁଯୋଗ ପାଉଛନ୍ତି ଯାହା ଆଞ୍ଚଳିକ ଫିଲ୍ମର କ୍ରେଜକୁ ବଢାଇଛି । ବର୍ତ୍ତମାସୁଦ୍ଧା ଏଫ୍ଆଇସିସିଆଇ ଇୱାଇର ଏମ୍ ଆଣ୍ଡ ଇ ସେକ୍ଟର ରିପୋର୍ଟ ଅନୁସାରେ ଓଟିଟି ପ୍ଲାଟଫର୍ମରେ ଆଞ୍ଚଳିକ ସିନେମା ପ୍ରଦର୍ଶିତ ହେବା ଦ୍ୱିଗୁଣା ହୋଇଯାଇଛି । ୨୦୨୦ରେ ଏହି କଣ୍ଟେଣ୍ଟ ସେୟାର ୨୭ ପ୍ରତିଶତ ଥିବାବେଳେ ୨୦୨୪ରେ ଏହି ପ୍ରତିଶତ ୫୪କେ ପହଞ୍ଚିଛି । ଓଟିଟି ପ୍ଲାଟଫର୍ମରେ ଆଞ୍ଚଳିକ ସିନେମାର କ୍ରେଜ ବଢିବା ପଛରେ ବିଶେଷ ଭାବେ କିଛି କାରଣ ରହିଛି, ଯେପରି ଡବିଂ ଏବଂ ସବ୍ ଟାଇଟଲ । ଏହି କାରଣରୁ ଲୋକମାନେ ସହଜରେ ଅନ୍ୟଭାଷାର ଫିଲ୍ମ ଦେଖିପାରୁଛନ୍ତି । ଯେଉଁ ଫିଲ୍ମ ଗୁଡିକର କାହାଣୀ ଭଲ ରହୁଛି ସେଗୁଡିକୁ ଦର୍ଶକ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ତେଣୁ ଓଟିଟି ଆଞ୍ଚଳିକ ଫିଲ୍ମ ଗୁଡିକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।

## ବଢିଛି ଓଲିଉଡର ଡିମାଣ୍ଡ

ଏହି ଆଞ୍ଚଳିକ ଫିଲ୍ମ ତାଲିକାରେ ଓଡିଆ ଫିଲ୍ମ ମଧ୍ୟ ସାମିଲ ରହିଛି । ୨୦୨୪ ଓ ୨୫ରେ ଏଭଳି ଅନେକ ଓଡିଆ ଫିଲ୍ମ ରିଲିଜ୍ ହୋଇଛି ଯାହା ଜାତୀୟ ସ୍ତରରେ ଆଦୃତି ଲାଭ କରିଛି । ଏହି ଫିଲ୍ମ ଗୁଡିକ ଦର୍ଶକଙ୍କୁ ହଲକୁ ଟାଣିବାରେ ସଫଳ ହୋଇଛି । କିଛି ଫିଲ୍ମ ନିଜର କାହାଣୀ ଓ ଅଭିନୟ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ମଧ୍ୟ ହୋଇଛି । ଏହି ତାଲିକାରେ ସାମିଲ ଅଛନ୍ତି ଏକାଧିକ ଫିଲ୍ମ । ସବୁଠାରୁ ଆଗରେ ରହିଛି ଚଳିଚ୍ଚିତ୍ର ପୁଷ୍କରା । ଏହି ଫିଲ୍ମଟି ଚଳିତ ଜାତୀୟ ପୁରସ୍କାରରେ ସମ୍ମାନୀତ ମଧ୍ୟ ହୋଇଛି । ଫିଲ୍ମଟିରେ ସବ୍ୟସାଚୀ ମହାପାତ୍ରଙ୍କୁ ଏକ ନିଆରା ଭୂମିକାରେ ଦେଖିବାକୁ ମିଳିଥିଲା । ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବା ସହିତ ଏହା ଜାତୀୟସ୍ତରରେ ବି ପ୍ରଶଂସାର ପାତ୍ର ହୋଇଛି । ଏହାପରକୁ ରହିଛି ବୋଉ ବୁଟୁ ଭୁତ, ବାବୁସାନ ମହାନ୍ତି ଓ ଅପରାଜିତାଙ୍କର ଏହି ଫିଲ୍ମ ଦର୍ସକଙ୍କୁ ହଲକୁ ଟାଣିବାରେ ଖୁବ ସଫଳ ହୋଇଛି । ଏଥିରେ ଲିଡରେ ଅର୍ଚ୍ଚିତାଙ୍କୁ ଦେଖିବାକୁ ପାଇଥିଲେ ଦର୍ଶକ । ଫିଲ୍ମଟିର କାହାଣୀ ନିଚ୍ଛକ ଓଡିଆ ଘରର ହୋଇଥିବାରୁ ଏହାକୁ ଦର୍ଶକ ପସନ୍ଦ କରିଥିଲେ। ଏହି କ୍ରମରେ ଆଉଏକ ଫିଲ୍ମ ହେଲା ଅନନ୍ତା, ଯେଉଁଥିରେ ଅନନ୍ତା ଭୂମିକାରେ ସବ୍ୟସାଚୀଙ୍କୁ ଦର୍ଶକ ଦେଖିଥିଲେ। ଓଡ଼ିଶାର ପ୍ରତିଟି ଘରେଘରେ ପରିଚିତ ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ରାଣ୍ଡି ପୁଅ ଅନନ୍ତାକୁ ଆଧାରିତ କରି ନିର୍ମାଣ କରାଯାଇଥିଲା । ଦର୍ଶକ ଏହାକୁ ଖୁବ ଭଲପାଇବା ଦେଇଥି ଲେ ଓ ଏହି ସମସ୍ତ ଓଡ଼ିଆ ଫିଲ୍ମ ଆୟ ମଧ୍ୟ ଖୁବ ଭଲ କରିଥିଲେ । ତେଣୁ ଏହାକୁ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ପରିବର୍ତ୍ତନର ଧାରା ବୋଲି ସମ୍ବୋଧନ କରାଯାଉଛି ।





# ଭାରତରେ ବଢୁଛି ମେଦବହୁଳତା

**ନିକଟରେ ମିଳିଥିବା ରିପୋର୍ଟ ଅନୁସାରେ ଭାରତରେ ମେଦବହୁଳତା ବଢିବାରେ ଲାଗିଛି । ବିଶ୍ୱର ଅନେକ ଦେଶରେ ଏହା ଗୁରୁତର ସମସ୍ୟା ଭାବେ ବିବେଚିତ ହୋଇଥାଏ । ଭାରତୀୟ ଜୀବନଶୈଳୀ ଏହାର ପ୍ରମୁଖ କାରଣ ଭାବେ ଉଭା ହେବାରେ ଲାଗିଛିବୋଲି ବିଶେଷଜ୍ଞ ମତ ଦେଉଥିବା ଦେଖିବାକୁ ମିଳୁଛି ।**

ଦିନଥିଲା ପାଶ୍ଚାତ୍ୟଦେଶ ମାନଙ୍କରେ ମେଦବହୁଳତା ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଥିଲା । ହେଲେ ବର୍ତ୍ତମାନ କିଛି ବର୍ଷ ହେବ ଭାରତରେ ମଧ ଏହା ନିଜର କାୟା ବିସ୍ତାର କରିବାରେ ଲାଗିଛି । ଭାରତୀୟମାନେ ଧୀରେଧୀରେ ମେଦବହୁଳତାର କବଳକୁ ଯାଉଥିବାର ଘଟଣା ସାମନାକୁ ଆସୁଛି । ଡାକ୍ତରଙ୍କ ମତରେ ବିଶେଷଭାବେ ଭାରତୀୟମାନେ ନିଜ ଜୀବନଶୈଳୀରେ ପରିବର୍ତ୍ତନ କରିପାରିଲେ ଏହାକୁ ନିୟନ୍ତ୍ରଣରେ ରଖିହେବା ।

## ଖାଦ୍ୟ ଶୈଳୀରେ ପରିବର୍ତ୍ତନ

ଦିନ ଥିଲା କୌଣସି ଲୋକ ବାହାର ଖାଇବା କଣ ଜାଣୁନଥିଲେ । ସେମାନେ ପ୍ରତିଟି ସମୟରେ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଖାଉଥିଲେ ଯାହା ସେମାନଙ୍କୁ ରୋଗ ମୁକ୍ତ ରଖୁଥିଲା । ବର୍ତ୍ତମାନ ବଜାରରେ ମିଳୁଥିବା ପ୍ରୋସେସ ଫୁଡ ମେଦବହୁଳତାର କାରଣ ସାଜିଛି । ବଜାରରେ ମିଳୁଥିବା ବିଭିନ୍ନ ଜଙ୍କଫୁଡ, ଫାଷ୍ଟଫୁଡ଼, ଚିପ୍ସ ଆଦି ମେଦବହୁଳତାର ପ୍ରାଥମିକ କାରଣ ସାଜିଛି । ଲୋକମାନେ ପାରମ୍ପରିକ ଖାଦ୍ୟ ଭୁଲି ବର୍ତ୍ତମାନ ଫାଷ୍ଟ ଫୁଡ ଖାଇବାରେ ଲାଗିଲେଣି ଯାହା ବିଭିନ୍ନ ରୋଗକୁ ଡାକି ଆଣୁଛି । ଖାଦ୍ୟରେ ପୋଷଣ କମ ଚର୍ବି ଅଧିକ ରହୁଛି ଯାହା ମେଦବହୁଳତାକୁ ବଢାଉଛି ।

## ଜୀବନଶୈଳୀ

କେବଳ ଖାଦ୍ୟ ପଦାର୍ଥ ନୁହେଁ ମେଦବହୁଳତାର କାରଣଭାବେ ଜୀବନଶୈଳୀ ମଧ ଉଭା ହୋଇଛି । ବର୍ତ୍ତମାନ ଗୋଟିଏ ସ୍ଥାନରେ ବସି ରହି ୯ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରିବାକୁ ପଡୁଛି, ଯେଉଁ କାରଣରୁ ମେଦବହୁଳତା ବଢିବାରେ ଲାଗିଛି । ସେହିଭଳି ଆଜିକାଲି ଶାରୀରିକ ପରିଶ୍ରମ ଯେପରି ଉଭାନ ହୋଇଯାଇଛି । ଅଧିକାଂଶ ସମୟ ମୋବାଇଲ୍, କମ୍ପ୍ୟୁଟର, ଲାପଟପ, ଟିଭି ଦେଖି କଟୁଛି । ସ୍କ୍ରିନ ଟାଇମ ଏତେ ଅଧିକ ହେଉଛି କି ଏହାର ପ୍ରଭାବ ମଧ ଆମ ଶରୀର ଉପରେ ପଡୁଛି । ଏହି କାରଣରୁ ମେଦବହୁଳତା ଦ୍ରୁତ ଗତିରେ ବଢୁଥିବାନେଇ ବିଶେଷଜ୍ଞ ମତ ଦେଉଛନ୍ତି ।

## ପିଲାଙ୍କ କ୍ଷେତ୍ରରେ ବି ଅଧିକ

ବର୍ତ୍ତମାନ କେବଳ ବଡ କିମ୍ବା ବୟସ୍କ ନୁହେଁ ପିଲାଙ୍କ କ୍ଷେତ୍ରରେ ମଧ ଖୁବ ଅଧିକ ମେଦବହୁଳତା ସମସ୍ୟା ଦେଖିବାକୁ ମିଳୁଛି । ସ୍କୁଲ ଯାଉଥିବା ଏଭଳି ଅନେକ ପିଲା ମିଳୁଛନ୍ତି ଯେଉଁମାନେ ମେଦବହୁଳତାର ଶିକାର ହେଉଛନ୍ତି । ସେମାଙ୍କର ମୁଖ୍ୟା କାରଣ ରହୁଛି ଖାଦ୍ୟଶୈଳୀ, ବ୍ୟାୟାମ ଓ ଖେଳକୁଦର ଅଭାବ । ବର୍ତ୍ତମାନ ପିଲାଙ୍କୁ ଖେଳକୁଦ ପାଇଁ ସମୟ ମିଳୁନାହିଁ, ଯାହା ସେମାନଙ୍କ ଶାରିରୀକ ଅଭିବୃଦ୍ଧି ଉପରେ ପ୍ରଭାବ ପକାଉଛି । ସେହିଭଳି ସେମାନଙ୍କ ଖାଦ୍ୟରେ ଜଙ୍କଫୁଡ ମୁଖ୍ୟ ଖାଦ୍ୟ ଭାବେ ସାମିଲ ରହୁଛି । ଅଧିକାଂଶ ସମୟରେ ବାହାରେ ଖାଇବା ଫଳରେ ସେମାନଙ୍କ ନିକଟରେ ମେଦବହୁଳତା ବେଶି ଦେଖିବାକୁ ମିଳୁଛି । ଅନେକ ସମୟରେ ସେମାନେ ଚକୋଲେଟ୍, କୋଲ୍ଡଡ୍ରିଙ୍କ ପିଉଛନ୍ତି, ଯେଉଁଥିରେ ଚିନିର ମାତ୍ରା ଅଧିକ ରହୁଛି । ଚିନି ମେଦବହୁଳତାର ଏକ ପ୍ରାଥମିକ କାରଣ ।

## ଟିପ୍ସ

ମେଦବହୁଳତାକୁ ନିୟନ୍ତ୍ରଣରେ ଆଣିବାକୁ ହେଲେ ପ୍ରଥମେ ଜୀବନଶୈଳୀ ଓ ଖାଦ୍ୟରେ ପରିବର୍ତ୍ତନ କରିବାକୁ ହେବ । ବାହାରର ଛଣାଛଣି, ତେଲମସଲା, ଜଙ୍କ ଫୁଡକୁ ଛାଡିବାକୁ ହେବ । ଘରୋଇ ସାଦା ଖାଦ୍ୟ ଖାଇବାକୁ ପଡିବ । ଖାଦ୍ୟରେ ପନିପରିବା ଓ ପୋଷଣରେ ଭରପୁର ଖାଦ୍ୟକୁ ସାମିଲ କରିବାକୁ ହେବ । ପ୍ରତିଦିନ ବ୍ୟାୟାମ ସହିତ ଖେଳକୁଦକୁ ସାମିଲ କରିବାକୁ ପଡିବ । ନିଜର ସ୍କ୍ରିନ ଟାଇମ୍କୁ କମାଇବାକୁ ହେବ । ଅଧିକ ସମୟ ଘରେ କିମ୍ବା ଗ୍ୟାଜେଟ୍ ସାମନାରେ ନକାଟି ହାଲୁକା ଫୁଲୁକା ବ୍ୟାୟାମ କରିବାକୁ ହେବ । ଡାକ୍ତରଙ୍କ ପରାମର୍ଶରେ ନିଜର ଦୈନନ୍ଦିନ ଜୀବନର ରୁଟିନ ସେଟ୍ କରିଲେ ଆମେ ସୁରୁଖୁରୁରେ ମେଦବହୁଳତାରୁ ମୁକ୍ତି ପାଇ ପାରିବା ।







ମୃଣାଳ
mrinalchatterjeeiimc
@gmail.com

## ବିନୋଦ ପଶାୟତ

ସମ୍ବଲପୁରୀ ଗୀତର ଅନ୍ୟତମ ପ୍ରସିଦ୍ଧ କର୍ଣ୍ଣଧାର ବିନୋଦ ପଶାୟତ ଅଗଷ୍ଟ ୨୦ରେ ୯୦ ବର୍ଷ ବୟସରେ ଚାଲିଗଲେ। ବିନୋଦ ପଶାୟତଙ୍କ ଜନ୍ମ ବଲାଙ୍ଗୀରରେ ୧୯୩୫ରେ। ସେ ୧୯୫୩ରେ ସମ୍ବଲପୁର ଆସି କୌଳିକ ବୃତ୍ତି ଆଦରି ସେଲୁନ ଖୋଲିଥିଲେ କିନ୍ତୁ ସମ୍ବଲପୁରରେ ହିଁ ତାଙ୍କର ସୃଜନ ଯାତ୍ରା ଆରମ୍ଭ ହେଲା। ସମ୍ବଲପୁରରେ ଖ୍ୟାତନାମା ନାଟ୍ୟକାର ଓ ସଂଗୀତକାରମାନଙ୍କ ଉତ୍ସାହ ଓ ପ୍ରେରଣାରେ ସେ ଗୀତ ଲେଖିଲେ। କ୍ରମଶଃ ଏହା ଜନପ୍ରିୟତା ହାସଲ କରିବାକୁ ଲାଗିଲା। ପଶାୟତ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ହୋଇଛନ୍ତି। ଚଳଚ୍ଚିତ୍ର ଓ ନାଟକ ପାଇଁ ଗୀତ ଲେଖିଛନ୍ତି। ନିଜ ସୃଜନସମ୍ଭାର ପାଇଁ ପଶାୟତ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ସମ୍ମାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନ ଓ ପଦ୍ମଶ୍ରୀ ସମ୍ମାନ ଲାଭ କରିଛନ୍ତି। ପ୍ରତିକୂଳତା ବିରୋଧରେ ଲଢ଼ି ସାଧନା, ଶ୍ରମ ଓ ନିଷ୍ଠା ବଳରେ ସିଦ୍ଧି ଅର୍ଜିଛନ୍ତି। ସେ ସରଳତା ଓ ବିନମ୍ରତାର ଏକ ଉଜ୍ଜ୍ୱଳ ଉଦାହରଣ।



## ବୁଲା କୁକୁର

ଦିଲ୍ଲୀରେ ବୁଲା କୁକୁରଙ୍କୁ ରାସ୍ତାରୁ ହଟେଇବାର କୋର୍ଟ ଆଦେଶ ପରେ ସାରା ଦେଶ ଏବେ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଦଳେ କୋର୍ଟ ଆଦେଶକୁ ସମର୍ଥନ କରୁଛନ୍ତି। ଦଳେ ବିରୋଧ କରୁଛନ୍ତି। ମୁଁ ଏ ଦୁଇ ଦଳର ମଝାମଝି ଜାଗାରେ ଅଛି। ମୋତେ ବୁଲା କୁକୁର ପସନ୍ଦ ନୁହେଁ। ସେମାନଙ୍କ ପାଇଁ ମୁଁ ଦୁଇଥର ମଟର ସାଇକଲରୁ ପଡ଼ିଛି, ଖଣ୍ଡିଆ ଖାବରା ହୋଇଛି। ସେମାନେ ଆମ ଘର ଅଗଣା ଅଳିଆ ଅସନା କରି ଦିଅନ୍ତି। ଆମ ଦାଣ୍ଡ ଦୁଆରେ ପଡିଥିବା ପାପୋଷକୁ କାଟି ଟିକି ଟିକି କରି ଦେଇଛନ୍ତି ଅନେକ ଥର। ଅନେକ ଥର ରାତି ଅଧରେ ନିଜ ନିଜ ଭିତରେ ଝଗଡା ଲାଗି ଆମ ନିଦର ବାରଟା ବଜେଇଛନ୍ତି। ପୁଣି ସେମାନଙ୍କୁ ମୁଁ ଏତେ ନାପସନ୍ଦ ବି କରି ପାରେନା ଯେ ସେମାନଙ୍କୁ ମଣିଷ ସମାଜରୁ ପୂରା ଦୂରେଇ ଦିଆଯାଉ ବୋଲି କହିବି। ତା'ର ସରଳ କାରଣ ହେଲା ମଣିଷକୁ ମଣିଷ କରିବାରେ, ମଣିଷ ସମାଜ ଗଢିବାରେ ସେମାନଙ୍କର ଗୋଟେ ବଡ଼ ଭୂମିକା ରହିଛି। କୃତଜ୍ଞତା ବୋଲି ମଣିଷର କିଛି ଅଛି ନ ନାହିଁ! କୁକୁର ହେଲା ପ୍ରଥମ ପ୍ରାଣୀ ଯିଏ ମଣିଷ ସମାଜ ପାଖକୁ ଆସିଛି, ମଣିଷର ପୋଷା ମାନି, ମଣିଷକୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିଛି। ଗାଈକୁ ଆମେ 'ମାତା'ର ମାନ୍ୟତା ଦେଉ, ହେଲେ ଗାଈ ପୂର୍ବରୁ କୁକୁର ଆମ ପାଖକୁ ଆସିଛି। କୁକୁରର ପୂର୍ବ ପୁରୁଷ ହେଲେ ହେଟା ବାଘ (grey wolves)। ମୁଖ୍ୟତଃ ସହଜରେ ଖାଦ୍ୟ ପାଇବେ ବୋଲି ସେମାନେ ମଣିଷ ପାଖକୁ ଆସିଥିଲେ, ଜୀବବିଜ୍ଞାନୀମାନେ ଏହାକୁ କୁହନ୍ତି 'commensalism', ଯାହାର ଅର୍ଥ "ଏକା ଟେବୁଲରେ ବସି ଖାଇବା।" ଆଉ କ୍ରମଶଃ ପୋଷା ମାନିଯାଇଥିଲେ। ସମୟ ସହିତ ଏମାନଙ୍କର ଆଶ୍ଚର୍ଯ୍ୟଜନକ ଶାରୀରିକ ଓ ବ୍ୟବହାରଗତ ପରିବର୍ତ୍ତନ ହେଲା। ସେମାନେ ଅଧିକ ଶାନ୍ତ ସ୍ୱଭାବର ହେଲେ। ସେମାନେ ମଣିଷର ଜଟିଳ ଭାବଭଙ୍ଗୀକୁ ପଢିବାକୁ ଏବଂ ମଣିଷର ଧ୍ୟାନ ଆକର୍ଷଣ କଳାରେ ପାରଦର୍ଶୀ ହେଲେ। ସେମାନେ ମଣିଷକୁ ଶିକାରରେ ସାହାଯ୍ୟ କଲେ, ସମୟ ବିଶେଷରେ ମଣିଷର ଦେହରକ୍ଷୀ ଭାବରେ କାମ କଲେ, କ୍ରମଶଃ ମଣିଷର ବନ୍ଧୁ ହେବାକୁ ଲାଗିଲେ। ସମସ୍ୟା ହେଲା ଯେତେବେଳେ ସେମାନଙ୍କ ସଂଖ୍ୟା ବଢ଼ିଲା ଆଉ ବ୍ୟବହାରିକ ଉପଯୋଗିତା କମିଲା। ଆମକୁ ସାଧାରଣ ସ୍ଥାନରେ ବୁଲା କୁକୁରମାନଙ୍କ ସଂଖ୍ୟା କମେଇବାକୁ ପଡ଼ିବ। ଏହା କିପରି ମାନବିକ ଭାବରେ କରାଯାଇପାରିବ - ଆମକୁ ତା' ବାଟ ବାହାର କରିବାକୁ ପଡ଼ିବ।



## ତ୍ରିକାଳଦର୍ଶୀ କବି

ହିନ୍ଦୀ ତାଜମହଲ (୧୯୬୩) ଚଳଚ୍ଚିତ୍ରରେ ଗୀତଟିଏ ଅଛି : ଜୋ ବାତ ତୁଝ ମେ ହେଁ, ତେରି ତସବୀର ମେ ନେହିଁ। ଏଠି କବି ଜଣେ ଲୋକ ଆଉ ତା' ଆଧାର କାର୍ଡରେ ଥିବା ଫଟୋ କଥା କହୁଛନ୍ତି। ଆପଣ କହିବେ, ୧୯୬୩ରେ କ'ଣ ଆଧାର କାର୍ଡ ଥିଲା ! ତା'ହେଲେ ଏଇଥିରୁ ଜାଣନ୍ତୁ କବି କେମିତି ତ୍ରିକାଳଦର୍ଶୀ। ଭୁତ ଭବିଷ୍ୟତ ସବୁ ଦେଖିପାରେ।

## ଧର୍ମଘଟ

ଦିନେ ମଣିଷର ବୋଧବୁଦ୍ଧି ଠିକ କଲେ ସେମାନେ ଧର୍ମଘଟ କରିବେ। ମଣିଷମାନେ ଆଉ ତାଙ୍କୁ ଠିକ ଭାବେ ପୋଷଣ କରୁନାହାନ୍ତି। ଭଲ ବହିପତ୍ର ପଢିଲେ, ନିୟମିତ ମସ୍ତିଷ୍କକୁ ଚଳଚଞ୍ଚଳ ରଖିଲେ ସିନା ବୋଧବୁଦ୍ଧିକୁ ପୋଷଣ ମିଳନ୍ତା ! ମଣିଷ ତ ସବୁବେଳେ ସୋସିଆଲ ମିଡିଆର ଅଳିଆ ଘାଣ୍ଟିବାରେ ବ୍ୟସ୍ତ ରହିଲା, ରିଲ ଦେଖିବାରେ ମସ୍ତ ରହିଲା, ଦୁନିଆ ଯାକର ଫାଲତୁ କଥା ମୁଣ୍ଡରେ ପୂରାଇଲା - ବୋଧବୁଦ୍ଧିର ପୋଷଣ କେମିତି ହେବ ! ବିନା ପୋଷଣରେ ସେମାନେ କାମ କେମିତି କରିବେ ! ଉନ୍ନତ କେମିତି ହେବେ ? ତେଣୁ ଧର୍ମଘଟ। ବୋଧବୁଦ୍ଧି ଯେତେବେଳେ ଧର୍ମଘଟ କଲେ, କାମ ବନ୍ଦ କରି ବସିଗଲେ, ସେତେବେଳେ ଜିଭ ଆଉ କାହା ବୋଲ ମାନିଲା ନାହିଁ। ସେ ଯାହା ମନ ତାହା ବକିବାକୁ ଲାଗିଲା। ହାତ ତା'ର ଯାହା ମନ ତାହା କରିବାକୁ ଲାଗିଲା। ଗୋଡ଼ ତା'ର ଯୁଆଡ଼େ ମନ ଚାଲିବାକୁ ଲାଗିଲା। ମଣିଷ ପୂରା ଘାଣ୍ଟି ହୋଇଗଲା। ବର୍ତ୍ତମାନ ଆମେ ପ୍ରାୟ ସେଇ ଅବସ୍ଥାରେ।

## ବିଭିନ୍ନ ରୂପରେ ଗଣେଶ

ଗତ କିଛି ବର୍ଷ ହେଲା ଗଣେଶଙ୍କୁ ବିଭିନ୍ନ ରୂପ ଓ ସାଜସଜ୍ଜାରେ ପୂଜା କରିବାର ଗୋଟେ ପ୍ରତିଯୋଗିତାମୂଳକ ଚଳଣି ଆରମ୍ଭ ହୋଇଛି। ଯେମିତି ଭୁବନେଶ୍ୱରରେ ଉଚ୍ଚା ଆଉ ବିଶାଳ ମୂର୍ତ୍ତି ସ୍ଥାପନର ଗୋଟେ ଚଳଣି ଆରମ୍ଭ ହୋଇଛି। ବିଭିନ୍ନ ବସ୍ତୁରେ ଗଣେଶଙ୍କ ମୂର୍ତ୍ତି ଗଢା ଯାଉଛି। ବିସ୍କୁଟରେ ଗଣେଶ, ଦିଆସିଲି ଖୋଳରେ ଗଣେଶ, ପଇସାରେ ଗଣେଶ, ଫୁଲରେ ଗଣେଶ, ନଡ଼ିଆ କତାରେ ଗଣେଶ ଇତ୍ୟାଦି। ଯେ କୌଣସି ଚଳଣି ବା ଟ୍ରେଣ୍ଡର ଭଲ ଖରାପ ଉଭୟ ଦିଗ ଥାଏ। ମୂର୍ତ୍ତି ନିର୍ମାଣ ଏବଂ ସାଜସଜ୍ଜାରେ ବିବିଧତା ସୃଜନଶୀଳତାକୁ ପ୍ରୋତ୍ସାହନ ଦିଏ। ବାଲେଶ୍ୱର ସହରର ଆଜିମାବାଦସ୍ଥିତ କବି ଅଭୟ ଦାସଙ୍କ ଘରେ ବହିରେ ଗଣେଶ ମୂର୍ତ୍ତି ତିଆରି କରାଯାଇଥିଲା। ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଭାଷାର ବିଭିନ୍ନ କବି ଲେଖକଙ୍କର ବହିକୁ ୬ ଉଚ୍ଚ ଫୁଟ ଓ ୫ ଫୁଟ ଚଉଡ଼ାର ମଞ୍ଚରେ ଶିଳ୍ପୀ କେଶୁଦାସଙ୍କ ଦ୍ୱାରା ନିର୍ମିତ ୨.୫ ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ମୂର୍ତ୍ତି ଗଢାଯାଇଥିଲା। ବରଗଡ଼ ଇମ୍ପେରିଆଲ କଲେଜରେ ଗତ କିଛି ବର୍ଷ ଧରି ପରିବେଶ-ବନ୍ଧୁ ଗଣେଶ ମୂର୍ତ୍ତି ତିଆରି ଏବଂ ବିତରଣ କରାଯାଉଛି। ଏଗୁଡ଼ିକ ଭଲ। ହେଲେ ଯେ କୌଣସି ଚଳଣିରେ ନାନ୍ଦନିକତା ଏବଂ ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ନ ହେବା - ଏ ଦୁଇଟି ବଡ଼ ଆହ୍ୱାନ। ଏ ଦୁଇଟି ପ୍ରତି ଆମେ ସଜାଗ ରହୁଟୁ ତ !




## ବିଶ୍ୱାସ

କାହାକୁ ମଣିଷ ବିଶ୍ୱାସ କରିବ ! ଆଜି ସକାଳେ ଚା-ପାଉଁରୁଟି ଖାଇବି ବୋଲି ଭାବିଲି। ପାଉଁରୁଟି ଅଧା ଚା ପିଇ ଗଲା। ଆଇଁଷ ବଜାରର ଗୋଟେ ପାଖରେ ବୁଢା ଲୋକଟିଏ ଅଣ୍ଡା ଧରି ବସିଥିଲା। କହିଲା ଦେଶୀ କୁକୁଡ଼ା ଅଣ୍ଡା। ଗୋଟା ଦଶ, ଶହେ ଟଙ୍କାରେ ଏଗାରଟା। ଅଣ୍ଡାଗୁଡ଼ାକ ଦେଶୀ କୁକୁଡ଼ା ଅଣ୍ଡା ଭଳି ଦିଶୁଥିଲା - ଛୋଟ ସାଇଜ ଆଉ ଟିକେ ନାଲିଚିଆ ରଙ୍ଗ। ଘରେ ଆଣି ଅଣ୍ଡା ସିଝା ଖାଇବି ବୋଲି ତାକୁ ସିଝେଇବାକୁ ବସେଇଲି ଯେ - ତାଟିଆର ପାଣି ରଙ୍ଗ ନାଲିଚିଆ ହୋଇଗଲା। ଖାଇଲା ବେଳକୁ ଦେଶୀ କୁକୁଡ଼ାର ଟେଷ୍ଟ ନାହିଁ। ବୁଝ ବୁଝ ସତ ପାଜି ଛୋଟ ବ୍ରୟଲର କୁକୁଡ଼ା ଅଣ୍ଡାକୁ ଚା ପାଣିରେ ଫୁଟେଇ ନାଲିଚିଆ ରଙ୍ଗ କରିଛି।

# ତିନି ଦଶନ୍ଧିପରେ କମ୍‌ବ୍ୟାକ୍



ପାଖାପାଖି ତିନି ଦଶନ୍ଧି ପରେ ଅଭିନେତ୍ରୀ ଶାନ୍ତି ପ୍ରିୟା ପରଦାକୁ ଫେରୁଛନ୍ତି । ତାଙ୍କୁ ଖୁବଶୀଘ୍ର ତାମିଲ ଫିଲ୍ମ ବ୍ୟାଡ୍ ଗର୍ଲରେ ଏକ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ । ଏହି ଫିଲ୍ମରେ ସେ ମା ଭୂମିକାରେ ନଜର ଆସିବେ । ଫିଲ୍ମରେ ମାଆ ବାପା ଓ ଆଜିକାଲିର ପିଲାଙ୍କ ସମ୍ପର୍କକୁ ଦର୍ଶାଯାଇଛି । ଫିଲ୍ମଟି ଆଜିକାଲିର ପିଲାଙ୍କୁ ଆଖିରେ ରଖି ନିର୍ମାଣ କରାଯାଇଥିବା ସୂଚନା ରହିଛି । ଏତେ ଦିନର ବ୍ୟବଧାନରେ ପରଦାକୁ ଫେରୁଥିବାରୁ ଖୁବ ଖୁସି ଅଛନ୍ତି ଶାନ୍ତି ପ୍ରିୟା । ପୁଣିଥରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ସମୟ ସୁଯୋଗ ମିଳୁଥିବାରୁ ସେ ଖୁବ ଉତ୍ସାହର ସହିତ କାମ କରିଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଆଗକୁ ସୁଯୋଗ ମିଳିଲେ ସେ ଆହୁରି ଏକାଧିକ ଫିଲ୍ମରେ ଅଭିନୟ କରିବେ ବୋଲି ମତ ଦେଇଛନ୍ତି ଶାନ୍ତି ପ୍ରିୟା ।

# କମେଡିରେ ଡେବ୍ୟୁ



ଆଲିଆ ଭଟ୍ଟଙ୍କୁ ତାଙ୍କ ଝିଅ ରାହାଙ୍କ ସହିତ ସମୟ ବିତାଉଥିବାର ଅନେକ ସମୟରେ ଦେଖିବାକୁ ମିଳିଥାଏ । ଖୁବ ସୁନ୍ଦରଭାବେ ନିଜ ପର୍ସନାଲ ଲାଇଫ ଓ ପ୍ରଫେସନାଲ ଲାଇଫକୁ ବାଲାନ୍ସ କରିଛନ୍ତି ଆଲିଆ । ତେବେ ଝିଅଙ୍କପାଇଁ ଫିଲ୍ମ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି ଆଲିଆ, ଯେଉଁଥିପାଇଁ ସେ ଖୁବ ଶୀଘ୍ର କମେଡି ଫିଲ୍ମରେ ଡେବ୍ୟୁ କରିବେ ବୋଲି ସୂଚନା ଦେଇଛନ୍ତି । ସେ ଆଜିଯାଏଁ ଏଭଳି କୌଣସି ଫିଲ୍ମ କରିନାହାନ୍ତି ଯାହାକୁ ରାହା ଦେଖିପାରିବ, ସେଥିପାଇଁ ଆଲିଆ ଏଭଳି ନିଷ୍ପତ୍ତି ନେଇଥିବା ଜଣା ପଡିଛି । ଏହି ଫିଲ୍ମକୁ ନେଇ ଆଲିଆ ଖୁବ ଉତ୍ସାହିତ ଅଛନ୍ତି । ସେ ଏହି ଫିଲ୍ମ ପାଇଁ ଖୁବ ପରିଶ୍ରମ କରୁଛନ୍ତି । ଫିଲ୍ମ ନେଇ ଆଉ କିଛି ତଥ୍ୟ ନଥିଲେ ମଧ୍ୟ ଆଲିଆଙ୍କ ମନ୍ତବ୍ୟଶୁଣି ଫ୍ୟାନମାନେ ଫିଲ୍ମ ସମ୍ପର୍କରେ ଆକଳନ କରିବା ଆରମ୍ଭ କରିଛନ୍ତି । ଫିଲ୍ମଟି ଖୁବ ଭଲ ହେବ ବୋଲି ସେମାନେ ସୋସିଆଲ ମିଡିଆରେ ମତ ଦେଉଥିବାର ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଆଗକୁ ଆଲିଆଙ୍କର ଆହୁରି ଅନେକ ପ୍ରୋଜେକ୍ଟ ପରଦାକୁ ଆସିବାକୁ ବାକି ରହିଛି ।

# ବଲିଉଡରେ ରହିଛି ଭେଦଭାବ



ଅନେକ ସମୟରେ ଏଭଳି ଅଭିଯୋଗ ଆସିଥାଏ କି ବଲିଉଡରେ ଭେଦଭାବ ରହିଛି । ଏଠାରେ ହିରୋମାନଙ୍କୁ ହିରୋଇନଙ୍କଠାରୁ ଅଧିକ ପାରିଶ୍ରମିକ ମିଳିଥାଏ । ତେବେ ଏଥିରେ ମୋହର ମାରିଛନ୍ତି ଅଭିନେତ୍ରୀ କ୍ରିତି ସନନ୍ । ସେ ପିଲାଦିନୁ ଏଭଳି ଏକ ପରିବେଶ ଦେଖିଛନ୍ତି ଯେଉଁଠାରେ ପୁଅଙ୍କୁ ଝିଅଙ୍କ ଅପେକ୍ଷା ଅଧିକ ସ୍ୱାଧୀନତା ମିଳିଥାଏ । ଏପରିକି ସେ ଫିଲ୍ମ ଇଣ୍ଡଷ୍ଟ୍ରୀରେ ମଧ୍ୟ ଏଭଳି ପରିସ୍ଥିତି ଦେଖିବା ସହିତ ଅନୁଭବ କରିଛନ୍ତି ବୋଲି ମତ ଦେଇଛନ୍ତି । ଅଭିନେତାଙ୍କୁ ସୁଟିଂସେଟରେ ଅଭିନେତ୍ରୀମାନଙ୍କ ଠାରୁ ଅଧିକ ସୁବିଧା ପ୍ରଦାନ କରାଯାଇଥାଏ । ସେମାନଙ୍କୁ ବଡ ରୁମ ମିଳୁଥିବାବେଳେ ହିରୋଇନଙ୍କୁ ସାନ ରୁମ ମିଳିଥାଏ ବୋଲି କ୍ରିତି ମତ ଦେଇଛନ୍ତି । ଏହି ସମସ୍ତ କଥା ବନ୍ଦ ହେବାର ଆବଶ୍ୟକତା ରହିଛି ବୋଲି କ୍ରିତି ମତ ଦେଇଛନ୍ତି । ଅଭିନେତ୍ରୀମାନେ ମଧ୍ୟ ଅଭିନେତାଙ୍କ ଭଳି ଅଧିକ ପରିଶ୍ରମ କରୁଛନ୍ତି ତେଣୁ ତାଙ୍କୁ ସମାନ ସୁବିଧା ମିଳିବା ଆବଶ୍ୟକ ।

# ଟାଇଗରଙ୍କୁ ଦେଖିବାକୁ ଭିଡ଼



ଖୁବଶୀଘ୍ର ଆସିବାକୁ ଯାଉଛି ବାଗି ୪, ଯେଉଁଥିରେ ଟାଇଗର ସ୍ରଫଙ୍କୁ ଦର୍ଶକ ଲିଡ୍ ରୋଲରେ ଦେଖିବାକୁ ପାଇବେ । ତେବେ ଫିଲ୍ମଟି ପାଇଁ ସେପ୍ଟମ୍ବର ୨ରେ ଆଗୁଆ ବୁକିଂ ଆରମ୍ଭ ହୋଇଛି । ଫିଲ୍ମଟି ଦେଖିବାକୁ ଲୋକମାନେ ଆଗୁଆ ବୁକିଂ କରୁଥିବାର ଦେଖିବାକୁ ମଧ୍ୟ ମିଳୁଛି । ଏହି ଆକସନ୍ ପ୍ୟାକ୍ ଫିଲ୍ମଟି ହିଟ୍ ହେବାନେଇ ସୋସିଆଲ ମିଡିଆରେ ଆକଳନ ହେବା ଆରମ୍ଭ ହୋଇଛି । ଏଥିରେ ଟାଇଗରଙ୍କର ନିଆରା ଆକସନ୍ ଦେଖିବାକୁ ମିଳିବ । ଆକସନ୍ ପାଇଁ ସବୁବେଳେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଆନ୍ତି ଟାଇଗର । ଏହି ଫିଲ୍ମରେ ଟାଇଗରଙ୍କ ସହିତ ହରନାଜ ସାନ୍ଧୁ ଓ ସୋନମ ବାଜୱାଙ୍କୁ ଦେଖିବାକୁ ମିଳିଛି । ଫିଲ୍ମଟି ସେପ୍ଟେମ୍ବର ୫ରେ ରିଲିଜ ପୂର୍ବରୁ ଏହାର ଏତେମାତ୍ରାରେ ଆଡଭାନ୍ସ ବୁକିଂ ଫିଲ୍ମଟିକୁ ହିଟ କରାଇବ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।

# ଦର୍ଶକଙ୍କ ଉପରେ ରାଗ



ଅନୁରାଗ କଶ୍ୟପଙ୍କ ଝିଅ ଆଲିଆଙ୍କର ଏକ ପୋଷ୍ଟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଆଲିଆ ପୋଷ୍ଟରେ ଦର୍ଶକଙ୍କ ଉପରେ ବର୍ଷିଛନ୍ତି । ତାଙ୍କ ମତରେ ଦର୍ଶକ କେବେ ବି ଭଲ ଫିଲ୍ମକୁ ତାର ରିଲିଜ୍ ସମୟରେ ଭଲ ପାଇବା ଦେଉନାହାନ୍ତି, ଯାହା ଫଳରେ ବଲିଉଡରେ ଭଲଭଲ ଫିଲ୍ମ ହିଟ୍ ତାଲିକାରୁ ବାଦ ପଡୁଛି । ଏହି କାରଣରୁ ଭଲ ଫିଲ୍ମ ବକ୍ସ ଅଫିସରେ ଫ୍ଲପ ହେଉଛି । ଏହି ପୋଷ୍ଟରେ ଆଲିଆ ଉଡାନ, ମସାନ୍ ଓ ଧଡକ ୨ର ଉଦାହରଣ ଦେଇଛନ୍ତି । ଏହି ସବୁ ଫିଲ୍ମକୁ ଦର୍ଶକ ଭଲପାଇବା ଦେଇନଥିବା ଆଲିଆ ପ୍ରକାଶ କରିଛନ୍ତି । ଏହାସହ ସେ ନିଜ ଫ୍ୟାନଙ୍କୁ ତାଙ୍କ ବାପାଙ୍କ ନିର୍ଦ୍ଦେଶିତ ନିଶାନଚି ଦେଖିବାକୁ ସେ ଅନୁରୋଧ କରିଛନ୍ତି । ଫିଲ୍ମଟିଏ ପ୍ରସ୍ତୁତ କରିବାକୁ ଫିଲ୍ମମେକରମାନେ ଖୁବ ପରିଶ୍ରମ କରୁଛନ୍ତି ତେଣୁ ସେମାନଙ୍କୁ ଭଲ ପାଇବା ଦେବାକୁ ଆଲିଆ ଅନୁରୋଧ କରିଛନ୍ତି ।



# ଶରତ ଆସିଲା ମରତ ହସିଲା

ଶରତ ଆସିଲା ମରତ ହସିଲା
ଜଳ ସ୍ଥଳ ସୁନିର୍ମଳ,
ଆକାଶରେ ଖଣ୍ଡ ଖଣ୍ଡ ଧଳା ମେଘ
ଫୁଟେ ନାନା ଜାତି ଫୁଲ ॥
ନଈ ନାଳ ବିଲ ପଠାଗୁଡ଼ିକରେ
କାଶତଣ୍ଡୀ ଫୁଲ ଶୋହେ,
ଧରଣୀ ରାଣୀଙ୍କୁ ଢାଳଇ ଚାମର
ଶୁଭ୍ରତାରେ ମନ ମୋହେ ॥
ପରିବେଶ ତା'ର ଦିଶଇ ସୁନ୍ଦର
ଲାଗଇ ଶାନ୍ତ ଶୀତଳ,
ସରସୀର ଶୋଭା ଅଟେ ମନଲୋଭା
ଫୁଟଇ କଇଁ କମଳ ॥
ଶରତ ଋତୁର ଶସ୍ୟ କ୍ଷେତ୍ରର
ଦୃଶ୍ୟ ନିଏ ମନ କିଣି,
ବହୁ ଆଡ଼ମ୍ବରେ ପାଳନ ହୁଅଇ
ଅନେକ ପର୍ବପର୍ବାଣି ॥
ଖୁଦୁରୁକୁଣୀ ଗଣେଶ ଚତୁର୍ଥୀ
ଆସିଥାଏ ଦୁର୍ଗାପୂଜା,
କୁମାରପୂର୍ଣ୍ଣିମା ପର୍ବ ପାଳନରେ
ନେଇଥାନ୍ତି ଲୋକେ ମଜା ॥
ସବୁଠାରୁ ଭଲ ଲାଗେ ଦୁର୍ଗାପୂଜା
ଷଷ୍ଠୀରୁ ଦଶମୀ ଯାଏଁ,
ଜାକ ଜମକରେ ପୂଜା ମଣ୍ଡପରେ
ମାଆଙ୍କର ପୂଜା ହୁଏ ॥

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୁଳ



# ବଡ଼ ହୋଇବି

ବଡ଼ ହୋଇବି ମୁଁ ବଡ଼ ହୋଇବି,
ଭଲ ପାଠ ପଢ଼ି ନାଁ ରଖିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ମାଟି ମାଆର ସେବା କରିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
କୁ ପଥକୁ ଛାଡ଼ି ସୁ ପଥେ ଯିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ବାପା ମାଆ କଥା ନିତି ମାନିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ଦେଶ ରକ୍ଷା ଲାଗି ଜୀବନ ଦେବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ଜନମ ଭୂଇଁର ଟେକ ରଖିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ହିଂସା ଦ୍ୱେଶ ମନୁ ଦୂରେଇ ଦେବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ରୋଗୀମାନଙ୍କ ମୁଁ ସେବା କରିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ଭଲ କଥା କହି ମନ ମୋହିବି ॥
ବଡ଼ ହୋଇବି ମୁଁ ବଡ଼ ହୋଇବି,
ଗପ ଓ  କବିତା ନିତି ଲେଖିବି ।।

**କନ୍ଦର୍ପ ବେହେରା**
କବି କୁଟୀର, ଡଇଁଚା, ରେଢାଖୋଲ,
ସମ୍ବଲପୁର
ମୋ: ୯୪୩୮୧୫୦୬୩୧

# କାଠହଣା କହୁଛି

ସଭିଙ୍କର ପାଟି ଅଛି ଚରିବୁଲି ଖାଆନ୍ତି
ପିଲାଛୁଆ ଘରେ ଥିଲେ ତାଙ୍କ ପାଇଁ ଆଣନ୍ତି
କିଏ କିମିତି ବାଗରେ ଘରକରି ରୁହନ୍ତି
ସେଇ ଘରେ ଆରାମରେ ଶୁଆବସା କରନ୍ତି ॥
ସଭିଙ୍କର ରହିଅଛି ଭିନ୍ନ ଭିନ୍ନ କୌଶଳ
ଛୋଟଠାରୁ ବଡ଼ ଯାଏ ପକ୍ଷୀ ଜାତି ସକଳ
ଅଳସୁଆ ନୋହୁଁ ବୋଲି ହେଉନାହିଁ ବିଫଳ
ଖାଇବାକୁ ଚାଲି ଯାଉ ହେଲେ ଟିକେ ଉଜଳ ॥
ଦଇବ ଦୟାରୁ ମୋତେ ଥଣ୍ଟିଏ ମିଳିଛି
କେତେ ଶକତ ଗଛକୁ ଖୋଳି ଦେଇ ପାରିଛି
ସେଥିପାଇଁ ନାଆଁ ମୋର କାଠହଣା ରହିଛି
ନିଜେ ଖୋଳି ନିଜ ପାଇଁ ଘରଟିଏ କରିଛି ॥
ନିଜ କାମ ନିଜେ କଲେ ଛୋଟ କେହି ହୁଏନା
ଘରେ ଶୋଇ ରହିଥିଲେ ଖାଇବାକୁ ମିଳେନା
ମାଗି ଖାଉଥିଲେ ନିତି ମହତଟା ରହେନା
ଖଟି ଖାଇ ଶିଖି ଯାଅ ହେଳା ଜମା କରନା ॥




**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ,
ଯାଜପୁର
ମୋ: ୮୧୧୮୦୯୯୦୩୮

# ଡରିବାନି ଜମା ଲଢ଼ିବା ଆମେ

ଝଡ଼ ରାତି ଆସିବ ଯେବେ
ଆମ ଭାରତ ଛାତି  ଭେଦି
ଏକ ମନରେ ଲଢ଼ିବ ପିଲେ
ଦୃଢ ବିଶ୍ୱାସ ମନେ ବାନ୍ଧି ॥
ଏକତା ବଳେ ହାତରେ ହାତ ଛନ୍ଦି
ସପ୍ରେମେ ଜାଳିବ ଅସ୍ମିତାର ଜ୍ୟୋତି
ଅଭିମନ୍ୟୁର ସାହସେ  ହେବ ବ୍ରତୀ
ଚକ୍ରବ୍ୟୁହକୁ ପଶିବ  ନିଶ୍ଚେ ଭେଦି ॥
ସତ୍ୟ ଧର୍ମନିଷ୍ଠା ପରାକ୍ରମରେ
ଲେଖିବା ପ୍ରଗତିର ଗୀତ ନିତି
ନଇଁବା  ନାହିଁ  କାହାରି ଆଗେ
ଗାଇଚାଲିବା ଭାରତ ଜୟ ଗୀତି ॥
ରଖିବ ସଦା ଦେଶ ମାଆର
ତ୍ରିରଙ୍ଗା ପ୍ରତି ଅତୁଟ ଭକ୍ତି
ମାଖିବା ନାହିଁ ରଙ୍ଗ ଡର ଭୟର
ଦେଖି ଦୁଷ୍ଟ ବିଦେଶୀ ଶକ୍ତି ॥
ଦେଶହିତରେ ଜୀବନ ଦେବା
ଶତ୍ରୁ ଆତଙ୍କ ହଟେଇଦେବା
ଶାନ୍ତିର ବାର୍ତ୍ତା ମନେ ଭରିବା
ବିକାଶ ପଥେ ଆଗେଇଯିବା ॥
ଏଇ ମାଟିର ଗୋପବନ୍ଧୁ ମଧୁସୂଦନ
କୃଷ୍ଣଚନ୍ଦ୍ର ଗଜପତି ଫକୀରମୋହନ
ବାଜି ରାଉତ ଶହୀଦ ଲକ୍ଷ୍ମଣ
ଖାଇଛନ୍ତି ଲାଠିମାଡ କାରାକଷଣ ॥
ମହାମାନବ ରକତେ ବହେ
ମାନବ ସେବା ଭକ୍ତି
ବଳିଦାନ ମହାମନ୍ତ୍ରରେ
ହସି ଦେଖାନ୍ତି ଛାତି ॥
ଦେଶର ତୁମେ ଆଶା କଜଳ
ଭଗତ ସିଂ ଚନ୍ଦ୍ରଶେଖର
ସାରଥି ତୁମେ ଭବିଷ୍ୟତର
ସୁପଥରେ ରଖିବ ପାଦ ତୁମର ॥
ତୁମର ପିଲେ ସୁବାସ ବୋଷଙ୍କ
ସାହସ ଭରା  ଛାତି
ଶତ୍ରୁକୁ ଜମା ଡରିବ ନାହିଁ
ମନରେ ରଖି ଭୀତି ॥
ଆତ୍ମବିଶ୍ୱାସ ହୃଦୟେ  ଧରି
ଉଡ଼ିବ ମନ ପବନ ପରି
ଅଭେଦ୍ୟ ପ୍ରାଚୀର ହେବ ଦେଶର
ଆଖିମିଟିକାରେ ଶତ୍ରୁକୁ ହତ କରି ॥

**ଅନସୂୟା ପଣ୍ଡା**
ବୁର୍ଲା, ସମ୍ବଲପୁର
ମୋ: ୮୩୨୮୯୪୫୮୮୫





**ବର୍ତ୍ତମାନର ସାମାଜିକ ସ୍ଥିତିରେ ଅଳ୍ପବର୍ଷିଆଙ୍କ ମାନସିକ ସ୍ୱାସ୍ଥ୍ୟ ସଙ୍କଟ ଉଗ୍ର ହେବାରେ ଲାଗିଛି । ଦୁର୍ବଳ ମନ ଓ ଅବସାଦର ଚାପ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟାର ପ୍ରବଣତାକୁ ବଢ଼ାଉଛି । ଏପରି ସମୟରେ ଜନସଚେତନତା ଓ ଉପଯୁକ୍ତ କାଉନ୍‌ସିଲିଂ ନିତାନ୍ତ ଜରୁରୀ ହୋଇପଡ଼ିଛି...**

# କୈଶୋର ଆତ୍ମହତ୍ୟା

ମାନସିକ ଚାପ ବା ଅବସାଦ ଆତ୍ମହତ୍ୟାର ଅନ୍ୟତମ ପ୍ରମୁଖ କାରଣ। ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାର ବହୁ ପୂର୍ବରୁ ତାଙ୍କଠାରେ ମାନସିକ ଅବସଦାର ଲକ୍ଷଣ ଦେଖା ଦେଇଥାଏ। ସେହି ସମୟରେ ଅନ୍ୟ ଲୋକ ଉକ୍ତ ମଣିଷକୁ ସେଥିରୁ ବାହାର କରି ଆଣି ପାରିବେ। ଡାକ୍ତରଙ୍କ ପରାମର୍ଶ ହେଉ କିମ୍ବା ଦୁଇପଦ ଭଲ କଥା ହେବା ଦ୍ୱାରା ମାନସିକ ଅବସାଦରୁ ମଣିଷ ବଞ୍ଚି ଯାଇପାରିବ। ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍‌ଓର ଏକ ରିପୋର୍ଟ ଅନୁସାରେ ବିଶ୍ୱରେ ବର୍ଷକୁ ୭.୨୭ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୨୦ଜଣଙ୍କ ଆତ୍ମହତ୍ୟା ଉଦ୍ୟମରେ ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଥିବା ଲୋକଙ୍କ ମଧ୍ୟରୁ ୫୩% ହେଉଛନ୍ତି ମହିଳା। ତେବେ ବିଶ୍ୱରେ ଭୌଗୋଳିକ ଓ ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଅଳ୍ପବର୍ଷିଆଙ୍କ କ୍ଷେତ୍ରରେ ଆତ୍ମହତ୍ୟା ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ଉଭାହୋଇଛି। ୨୦୨୧ରେ ୧୫ରୁ ୨୯ ବର୍ଷୀୟା ଝିଅ ଓ ମହିଳାଙ୍କ କ୍ଷେତ୍ରରେ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ଆତ୍ମହତ୍ୟା ହୋଇଥିବାବେଳେ ସମାନ ବୟସ୍କ ପୁରୁଷଙ୍କ ପାଇଁ ଏହା ତୃତୀୟ ବୃହତ୍ କାରଣ ହୋଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ୨୦୦୦ରୁ ୨୦୨୧ ମଧ୍ୟରେ ଏହି ବୟସ ବର୍ଗର ଲୋକଙ୍କଠାରେ ବିଶ୍ୱବ୍ୟାପୀ ୩୫% ଆତ୍ମହତ୍ୟା ହାର ହ୍ରାସ ପାଇଥିଲେ ମଧ୍ୟ ଏହାକୁ ରୋକିବା ନେଇ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ୨୦୧୫ରୁ ୨୦୩୦ ମଧ୍ୟରେ ଆତ୍ମହତ୍ୟା ହାର ଏକତୃତୀୟାଂଶ ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନର ଅଗ୍ରଗତିକୁ ଦେଖିଲେ ୨୦୩୦ ବେଳକୁ ଏଥିରେ ମାତ୍ର ୧୨% ସଫଳତା ମିଳିପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ଉକ୍ତ ରିପୋର୍ଟରେ ଦର୍ଶାଇଛି। 'ୱାର୍ଲ୍ଡ ମେଣ୍ଟାଲ ହେଲଥ ଟୁଡେ' ଅନୁସାରେ, ଲିଙ୍ଗ ଭିତ୍ତିରେ ମାନସିକ ରୋଗରେ ଭିନ୍ନତା ଥାଇପାରେ। କିନ୍ତୁ ମୋଟାମୋଟି ଭାବେ ମହିଳାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ଦେଶର ସରକାର ନିଜସ୍ୱ ମାନସିକ ସ୍ୱାସ୍ଥ୍ୟ ନୀତି ଆଣି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରୁଛନ୍ତି। ଏପରି କି ଲୋକଙ୍କୁ ମାନସିକ ରୋଗରୁ ରକ୍ଷା କରିବା ପାଇଁ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରୁଛନ୍ତି। ତଥାପି ମେଣ୍ଟାଲ ହେଲ୍‌ଥ ସର୍ଭିସ୍ ବର୍ତ୍ତମାନ ଏକ ବୃହତ୍ ଆହ୍ୱାନରେ ପରିଣତ ହୋଇଛି ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

ମାନସିକ ଚାପ କେବଳ ଆତ୍ମହତ୍ୟା କାରଣ ହୋଇ ନ ଥାଏ। କାରଣ ମଣିଷର ମଧ୍ୟ ମସ୍ତିଷ୍କରେ ସେରୋଟନିୟମ ସ୍ନାୟୁ ଦୋଷ ଥାଏ, ଯାହାର ପରିମାଣ କମି ଗଲେ ମଧ୍ୟ ମଣିଷ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାଏ। ମାନସିକ ଚାପ ହେଉ ବା ଏହି ସ୍ନାୟୁ ଦୋଷର ପରିମାଣ କମିବା ହେଉ ଉଭୟ ହେଲେ ଏହାର ଲକ୍ଷଣ ଦେଖାଦେବ। କୌଣସି ବ୍ୟକ୍ତିଙ୍କଠାରେ ଯଦି ଏଭଳି କୌଣସି ଲକ୍ଷଣ ଦେବା ମାତ୍ରେ ତାଙ୍କ ପରିବାର ଲୋକ ହୁଅନ୍ତୁ ବା ଆଖପାଖ ଲୋକ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତର ପରାମର୍ଶ କରାଇବା ଆବଶ୍ୟକ। ଯାହାଦ୍ୱାରା ଉପଯୁକ୍ତ କାଉନସିଲିଂ ଉକ୍ତ ବ୍ୟକ୍ତିଙ୍କ ମାନସିକଏହି ଚିନ୍ତାଧାରାକୁ ବଦଳାଇ ପାରିବ। ସେହିପରି ସୋସିଆଲ ମିଡିଆ ଯୋଗୁ ଆତ୍ମହତ୍ୟା ପ୍ରବଣତା ବହୁ ଗୁଣରେ ବଢ଼ିଛି। ପୂର୍ବରୁ ଯେଉଁଠି ଆତ୍ମହତ୍ୟା ହେଉଥିଲା ଜଣାପଡୁ ନ ଥିଲା। କିନ୍ତୁ ଏବେ ସାମାଜିକ ଗଣମାଧ୍ୟମରୁ କିଭଳି ଆତ୍ମହତ୍ୟା , ଆକ୍ରମଣ କରିବ ତାହା ଜାଣି ହେଉଛି। ଆତ୍ମହତ୍ୟା ବଢ଼ିବାର କାରଣ ସାମାଜିକ ଗଣମାଧ୍ୟମ ଓ ସହନଶୀଳତାର ଅଭାବ। ଯେଉଁମାନେ ବିଶାଦଗ୍ରସ୍ତ ଥିବେ ସେମାନେ କାହାକୁ କହି ପାରିବେନି। ମାନସିକ ବିସାଦଗ୍ରସ୍ତଙ୍କ ପାଇଁ କେନ୍ଦ୍ର ସରକାର ଏକ ନମ୍ବର (୧୪୪୧୬) ଜାରି କରିଛନ୍ତି। ଏଥିରେ ଫୋନ କଲେ ୨୪ ଘଣ୍ଟା ସାଇକୋଲୋଜିଷ୍ଟମାନେ ଉପଦେଶ ଦେଉଛନ୍ତି। ଏହାର ସହାୟତା ନେଲେ ଜଣେ ଆତ୍ମହତ୍ୟା ମାନସିକତାରୁ ଦୂରେଇ ପାରିବ। ଜଣେ ମାନସିକ ବିସାଦଗ୍ରସ୍ତ କି ନୁହେଁ ତାହା ତାଙ୍କ ପାଖଲୋକ ବା ଘରଲୋକ ଲକ୍ଷଣ ଦେଖି ଜାଣିପାରିବେ। ନିଦ ନ ହେବା, ଚିଡ୍ଚିଡ୍ ହେବା, ଖିଆପିଆ ଠିକ୍ ଭାବେ ନ କରିବା, ନିଜର ଯତ୍ନ ନ ନେବା, ନକରାତ୍ମକ ଚିନ୍ତା କରିବା, ଆତ୍ମହତ୍ୟା କରିବା ନେଇ ବାରମ୍ବାର କହିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହା ଜାଣି ଯଦି ଘର ଲୋକ ଉକ୍ତ ବ୍ୟକ୍ତିକୁ ଯୋଗ, ବ୍ୟାୟାମ କରିବାକୁ ପ୍ରବର୍ତ୍ତାଇବା ସହ ତା'ର ଜୀବନଶୈଳୀକୁ ବଦଳାଇ ପାରନ୍ତେ ତେବେ ଏହାର ସମାଧାନ ହୋଇପାରନ୍ତା।





# ମନ୍ଦିର ବେଢ଼ା

**ଜଗନ୍ନାଥଙ୍କ ମନ୍ଦିର ବେଢା ଖୁବ ମନୋରମ ହୋଇଥାଏ । ଏହି ବେଢାରେ ଭରିରହିଛି ଅନେକ ଛୋଟଛୋଟ ମନ୍ଦିର, ଯେଉଁଥିରେ ପୂଜା ପାଉଛନ୍ତି ବିଭିନ୍ନ ଦେବଦେବୀ । ଆସନ୍ତୁ ଜାଣିବା ସେହି ସମ୍ପର୍କରେ**

## ଶ୍ରୀଚକ୍ରନାରାୟଣ ମନ୍ଦିର

ଏହାର ସେବା ମୁଦିରସ୍ଥ ଏବଂ ଅନ୍ୟଜଣେ ସେବକ କରିଥାଆନ୍ତି । କୋଠରୁ ଦୈନିକ ଖଞ୍ଜା କୋରା ଏବା କାକରା ।

## ଫୁଲଗୁନ୍ଥା ଘର

ଏଠାରେ ଶ୍ରୀଜୀୟୁଙ୍କର ଦୈନିକ ଫୁଲ ତୁଳସୀ ଗୁନ୍ଥା ଯାଇଥାଏ ।

## ମହାବୀର ମନ୍ଦିର

ଏହି ଠାକୁରଙ୍କୁ ମୁଦିରସ୍ଥ ଏବଂ ଆଉ ଜଣେ ସେବକ ଦୈନିକ ସେବା ପୂଜା କରନ୍ତି । ଏହି ମନ୍ଦିର ପାଇଁ କୌଣସି ଖଞ୍ଜା ନାହିଁ ।

## ଧାନକୁଟା ଘର

ଏହା ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରର ବାମ ପାଖରେ ଅବସ୍ଥିତ ।

## ଶ୍ରୀଧବଳେଶ୍ୱର ମନ୍ଦିର

ତଳିଛ ମହାପାତ୍ର, ଏହି ମନ୍ଦିର ସେବାରେ ନିଯୁକ୍ତ ଅଛନ୍ତି ଓ ଏଥିପାଇଁ କୌଣସି ଖଞ୍ଜା ନାହିଁ ।

## ବକୁଳ ଚଉତରା

ଏହି ଚଉତରା ପୁନଃନିର୍ମାଣ କରାଯାଇଛି । ଏହାର ଦେଖାଶୁଣା ସୁଆର ନିଯୋଗ କରିଥାଆନ୍ତି ।

## ବୈକୁଣ୍ଠ

ନବକଳେବର ସମୟରେ ଶ୍ରୀଜୀଉଙ୍କର ପରିତ୍ୟକ୍ତ ବିଗ୍ରହଗୁଡିକୁ ଏଠାରେ ସମାଧିସ୍ଥ କରାଯାଏ । ଏହାର ଚାରିଦିଗରେ ଥିବା ଫୁଲ ବଗିଚା ଏହାକୁ ସୁନ୍ଦର କରୁଛି ।

## କୋଇଲିବୈକୁଣ୍ଠ

ସୁଆର ଓ ମହାସୁଆର ନିଯୋଗ ଏହି କୋଇଲି ବୈକୁଣ୍ଠର ଦାୟିତ୍ୱରେ ଅଛନ୍ତି । ଏଠାରେ ଆଟିକା ପୂଜା ସମାପନ ହୋଇଥା ।

## ଦାରୁ ଘର

ଶ୍ରୀଜୀଉମାନଙ୍କର ନବକଳେବର ସମୟରେ ଶାସ୍ତ୍ରଲିଖିତ ବିଧି ଅନୁସାରେ ଉପଯୁକ୍ତ ନିମ୍ବକାଠ ସଂଗ୍ରହ କରାଯାଇ ପ୍ରଥମେ ଆସି ଏଠାରେ ରୁହେ ।

## ଶ୍ରୀବୈକୁଣ୍ଠନାଥ ମହାଦେବ

ସୁଆର ମହାସୁଆର ନିଯୋଗ ଏହି ଠାକୁରଙ୍କୁ ଦୈନିକ ସେବା ପୂଜା କରନ୍ତି । କୋଠରୁ ବଲ୍ଲଭ, କୋରା ଓ କାକରା ଖଞ୍ଜା ରହିଛି ।

## ରାଧାକୃଷ୍ଣ ମନ୍ଦିର

ବର୍ଦ୍ଧମାନ ମହାରାଜ ଏହି ଠାକୁର ପ୍ରତିଷ୍ଠା କରି ସେବା ପୂଜା ବ୍ୟବସ୍ଥା କରିଛନ୍ତି । କୋଠରୁ ଦୈନିକ ବଲ୍ଲଭ ଏକ ଓଳି ଯୋଗହୁଏ ।

## ଶ୍ରୀଉତ୍ତରାୟଣୀ ମନ୍ଦିର

ଏହି ଠାକୁରାଣୀଙ୍କର ଦୈନିକ ସେବାପୂଜା ପାଇଁ କୋଠରୁ ଛୋଟ ଓରିଆ ଦୁଇ ଓଳି ବଲ୍ଲଭ ଓ କାକରା ଖଞ୍ଜା ଯାଇଛି ।

## ଶୀତଳା ମନ୍ଦିର

ଏହି ଠାକୁରାଣୀଙ୍କ ପୂଜା ପାଇଁ କୋଠରୁ ବଲ୍ଲଭ, ତେଲ ଖଞ୍ଜା ଯାଇଛି । ଷୋଳପୂଜାରେ କୋଠରୁ ଦୈନିକ ମୁଆଁ ଏବଂ ପତନି ମିଳିଥାଏ ।




**ଉପରୋକ୍ତ ତଥ୍ୟ ପରମାନନ୍ଦ ତ୍ରିପାଠୀଙ୍କ ଲିଖିତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସଂସ୍କୃତି ପୁସ୍ତକରୁ ଆନୀତ ।**



# ମିଛୁଆ ରାଧୁଆ

ଏହି କାହାଣୀପେଡିରେ ଅନେକ କାହାଣୀ ରହିଛି, ଯେଉଁଥିରୁ ଗୋଟିଏ ହେଲା ମିଛୁଆ ରାଧୁଆ । ଯାହା ଆମକୁ ପିଲାଦିନୁ ଜୀବନ ସମ୍ପର୍କରେ ଖୁବ ଗୁରୁତ୍ୱପୂର୍ଣ୍ଣ କଥା ଶିଖାଇଥାଏ । ଏହି କାହାଣୀ ଆମକୁ କିଭଳି ଜୀବନରେ ଅନ୍ୟକୁ ଠକିଲେ ଆମେ ନିଜେ ସମସ୍ୟାରେ ପଡିବା ସେହିକଥା ସୂଚାଇଥାଏ । ଏହି କାହାଣୀ ପ୍ରତିଟି ପିଲା ପିଲାଦିନେ ଶୁଣିଥାଆନ୍ତି । ଏପରିକି ଅନେକ ସମୟରେ ବଡମାନେ କଥାରେ ମଧ୍ୟ କହନ୍ତି କି ମିଛୁଆ

**ଆଇ ମାଆ କାହାଣୀ ଭିତରେ କିଛି କଥା ଏଭଳି ଥାଏ ଯାହା ପିଲାଙ୍କୁ ଛୋଟବେଳୁ ଅନେକ କଥା ଶିଖାଇଥାଏ । ଏହି କାହାଣୀ ଗୁଡ଼ିକ ପିଲାଙ୍କୁ ବାସ୍ତବ ଜୀବନ ପାଇଁ ଧୀରେ ଧୀରେ ପ୍ରସ୍ତୁତ କରିଥାଏ । ବାସ୍ତବ ଜୀବନରେ କିଭଳି ବିଭିନ୍ନ ସମସ୍ୟାକୁ ମୁକାବିଲା କରିହେବ ଏହି କାହାଣୀ ଶିଖାଇଥାଏ ।**



ରାଧୁଆ ଭଳି ହୁଅନି ହଇରାଣ ହେବ । ତେବେ ଆସନ୍ତୁ ଜାଣିବା କଣ ରହିଛି ଏହି କାହାଣୀର ମୂଳ ବସ୍ତୁ ।

ଏକଦା ଗୋଟିଏ ଗାଁରେ ଜଣେ ପିଲା ରହୁଥିଲା ଯିଏ ଗାଈ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲା । ନାଁ ତାର ଥିଲା ରାଧୁଆ । ରାଧୁଆ କହିଲେ ଗାଁର ସମସ୍ତେ ଖୁବ ଭଲପାଉଥିଲା । ସକାଳହେଲେ ସେ ଗାଈ ଧରି ପାଖ ଜଙ୍ଗଲକୁ ଚରାଇବାକୁ ଯାଇଥାଏ । ଗାଈ ଚରାଇସାରି ସନ୍ଧ୍ୟାରେ ଘରକୁ ଫେରିଥାଏ । ତେବେ ସବୁଦିନ ଏଭଳି ଚାଲିଥାଏ । ଗୋଟିଏ ଦିନ ପିଲାଟି ଗାଁ ଲୋକଙ୍କ ସହିତ ମଜା ଖେଳିବାକୁ ଚାହିଁଲା । ହଠାତ୍ ଗାଈ ଚରାଉଥିବା ବେଳେ ଡାକ ପକାଇ ଗାଁ ଲୋକଙ୍କୁ ଡାକିଥିଲା । ତାର ଗାଈମାନଙ୍କୁ ବାଘ ଆକ୍ରମଣ କରିଥିବା ସେ ଗ୍ରାମବାସୀଙ୍କୁ କହିଥିଲା । ଯାହାପରେ ଗାଁଲୋକ ସମସ୍ତେ ସେ ଗାଈ ଚରାଉଥିବା ସ୍ଥାନକୁ ଦୌଡିକରି ଯାଇଥିଲେ । ହେଲେ ସେଠାରେ ଯାଇ ଦେଖିଲା ବେଳକୁ ବାଘ ନାହିଁ । ରାଧୁଆ ସେମାନଙ୍କ ସହିତ ମଜା କରିବା ପାଇଁ ଏପରି କରିଥିବା ଜାଣିବାକୁ ପାଇଥିଲେ । ଏହାପରେ ସମସ୍ତ ଗାଁକୁ ଫେରି ଆସିଲେ । ତାକୁ ଏଭଳି କରିବାକୁ ବାରଣ ମଧ୍ୟ କରିଥିଲେ । ହେଲେ କିଛି ଦିନ ଯିବାପରେ ରାଧୁଆ ପୁଣି ଗାଁ ଲୋକଙ୍କୁ ସେହି ସମାନ ଉପାୟରେ ଡାକିଥିଲା । ଏଥର ମଧ୍ୟ ଗାଁ ଲୋକମାନେ ତାକୁ ବିଶ୍ୱାସ କରି ବାଘକୁ ମାରିବାକୁ ସେଠାରେ ପହଞ୍ଚିଥିଲେ , ହେଲେ ଏଥର ମଧ୍ୟ ରାଧୁଆ ମଜାକ କରିଥିଲା । ଏହିପରି ଭାବେ ସେ ଆଉ ଦୁଇଥର ମଧ୍ୟ ଗ୍ରାମବାସୀଙ୍କୁ ହଇରାଣ କରିଥିଲା । ଏହାପରେ ଗୋଟିଏ ଦିନ ସତରେ ବାଘ ତାର ଗାଈମାନଙ୍କୁ ଆକ୍ରମଣ କରିଥିଲା । ଏଥର ସେ ଗାଁ ଲୋକଙ୍କୁ ଡାକିଥିଲା ହେଲେ କେହି ବି ତା କଥା ଶୁଣିନଥିଲେ । କାରଣ ସେମାନେ ଭାବିଥିଲେ ସବୁଥରପରି ଏଥର ମଧ୍ୟ ରାଧୁଆ ମିଛରେ ଡାକୁଥିବ, ତେଣୁ ସେମାନେ ଯାଇନଥିଲ । ଏହାପରେ ରାଧୁଆର ଅନେକ ଗାଈଙ୍କୁ ବାଘ ଖାଇଯାଇଥିଲା । ତେଣୁ ରାଧୁଆ ମିଛ କହିଥିବାରୁ ତାର ସତକୁ ମଧ୍ୟ ସମସ୍ତେ ମିଛ ବୋଲି ଭାବିଥିଲେ । ତେଣୁ ଜୀବନରେ ମିଛ କହିବା ଅନୁଚିତ୍ ବୋଲି ଏହି ଗଳ୍ପରୁ ଶିକ୍ଷା ମିଳିଥାଏ ।




# ଆଖିଝଲସା ପୁରସ୍କାର

ଏକ ଐତିହାସିକ ନିଷ୍ପତ୍ତି କ୍ରମେ ମହିଳା ଦିନିକିଆ ବିଶ୍ୱକପରେ ବମ୍ପର ପୁରସ୍କାର ରାଶି ମିଳିବ । ଟୁର୍ଣ୍ଣାମେଣ୍ଟ ଇତିହାସରେ କେବେ ହେଲେ ପୂର୍ବରୁ ଯାହା ଘଟି ନଥିଲା, ଏଥର ସେମିତି ହେବ । ବିଜେତା ଦଳକୁ ମିଳିବ ରେକର୍ଡ ପରିମାଣର ଆର୍ଥିକ ପୁରସ୍କାର । ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେବ ମହିଳା ଦିନିକିଆ ବିଶ୍ୱକପ । କ୍ରିକେଟର ଏହି ମହାକୁମ୍ଭକୁ ଅଧିକ ଚର୍ଚ୍ଚିତ କରିଛି ଆଇସିସିର ବର୍ଦ୍ଧିତ ପୁରସ୍କାର ରାଶି । ଏଥର ମହିଳା ଦିନିକିଆ ବିଶ୍ୱକପ ବିଜେତା ଦଳକୁ ମିଳିବ ରେକର୍ଡ ୪.୪୮ ମିଲିୟନ ଡଲାର ବା ୩୯.୫୫ କୋଟି ଟଙ୍କା । ପୂର୍ବ ସଂସ୍କରଣ ତୁଳନାରେ ଏହି ପୁରସ୍କାର ରାଶିରେ ୧.୩୨ ମିଲିୟନ ଡଲାର ବା ୧୧.୬୫ କୋଟି ଟଙ୍କା ଯୋଡ଼ା ଯାଇଛି । ଅର୍ଥାତ ବିଜେତା ଦଳ ଗତଥର ଅପେକ୍ଷା ଅଧିକ ୧୧.୬୫ କୋଟି ଟଙ୍କା ପାଇବ । ୮ ଦଳ ବିଶିଷ୍ଟ ବିଶ୍ୱକପର ମୋଟ୍ ପୁରସ୍କାର ରାଶିକୁ ୩ ଗୁଣା ବୃଦ୍ଧି କରାଯାଇଛି । ପୂରା ଟୁର୍ଣ୍ଣାମେଣ୍ଟରେ ପୁରସ୍କାର ବାବଦରେ ୧୩.୮୮ ମିଲିୟନ ଡଲାର ବା ୧୨୨.୫ କୋଟି ଟଙ୍କା ଦିଆଯିବ । ୨୦୨୨ରେ ନ୍ୟୁଜିଲାଣ୍ଡରେ ମହିଳା ଦିନିକିଆ ବିଶ୍ୱକପ ଆୟୋଜନ ହୋଇଥିଲା । ଏଥିରେ ପୁରସ୍କାର ବାବଦରେ ମୋଟ୍ ୩୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । କିନ୍ତୁ ଏଥର ମୋଟ୍ ପୁରସ୍କାର ରାଶି ୨୯୭% ବୃଦ୍ଧି ପାଇଛି ।

ସବୁଠୁ ଆଶ୍ଚର୍ଯ୍ୟର କଥା, ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପରେ ପୁରସ୍କାର ବାବଦରେ ମୋଟ୍ ୧୦ ମିଲିୟନ ଡଲାର ବା ୮୮.୨୬ କୋଟି ଖର୍ଚ୍ଚ ହୋଇଥିଲା । ହେଲେ ଏହା ତୁଳନାରେ ମହିଳା ଦିନିକିଆ ବିଶ୍ୱକପରେ ଅଧିକ ଟଙ୍କା ଦିଆଯିବ । ମହିଳା ଦିନିକିଆ ବିଶ୍ୱକପର ବିଜେତା ଦଳ ୩୯.୫୫ କୋଟି ପାଇବାକୁ ଥିବା ବେଳେ ରନର୍ସ ଅପ ଦଳ ୨.୨୪ ମିଲିୟନ ଡଲାର ବା ୧୯.୭୭ କୋଟି ଟଙ୍କା ପାଇବ । ଗତ ସଂସ୍କରଣ ଅପେକ୍ଷା ଏହା ୨୭୩% ଅଧିକ । କାରଣ ଗତଥର ରନର୍ସ ଅପ ଦଳକୁ ୫.୩୦ କୋଟି ଟଙ୍କା ମିଳିଥିଲା । ସେମି ଫାଇନାଲରେ ହାରୁଥିବା ଦୁଇ ଦଳ ୧.୧୨ ମିଲିୟନ ଡଲାର ବା ୯.୮୯ କୋଟି ଲେଖାଏଁ ପୁରସ୍କାର ବାବଦରେ ପାଇବେ । ୨୦୨୨ରେ ୨.୬୫ କୋଟି ଲେଖାଏଁ ଦିଆଯାଇଥିଲା । ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ମ୍ୟାଚ୍ ଜିତିବା ଲାଗି ଦଳଗୁଡ଼ିକୁ ୩୦.୨୯ ଲକ୍ଷ ଟଙ୍କା ଲେଖାଏ ଦିଆଯିବ । ବିଶ୍ୱକପ ପଏଣ୍ଟ ଟେବୁଲର ୫ମ ଓ ୬ଷ୍ଠ ସ୍ଥାନରେ ଅଭିଯାନ ଶେଷ କରୁଥିବା ଦଳ ୬୨ ଲକ୍ଷ ଲେଖାଏଁ ଏବଂ ୭ମ ଓ ୮ମ ସ୍ଥାନରେ ରହୁଥିବା ଦୁଇ ଦଳକୁ ୨୪.୭୧ ଲକ୍ଷ ଟଙ୍କା ମିଳିବ ବୋଲି ଆଇସିସି କହିଛି । ପୁରୁଷ କ୍ରିକେଟ ଭଳି ମହିଳା କ୍ରିକେଟକୁ ଲୋକପ୍ରିୟ କରିବା ପାଇଁ ଆଇସିସି ଏପରି ପଦକ୍ଷେପ ନେଇଛି ।






ଚର୍ଚ୍ଚାରେ ଟିମ୍ ଇଣ୍ଡିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ । ତାଙ୍କୁ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି । ଏହି ମାମଲା ଏକ ଅନଲାଇନ୍ ବେଟିଂ ଆପ୍ ସହ ଜଡ଼ିତ । ପୂର୍ବରୁ କ୍ରିକେଟର ସୁରେଶ ରାଇନାଙ୍କୁ ମଧ୍ୟ ଏହି ମାମଲାରେ ପଚରାଉଚରା କରାଯାଇସାରିଛି । ଏଜେନ୍ସି ଅନଲାଇନ୍ ବେଟିଂ ଆପ୍ ସହ ଜଡ଼ିତ ଆର୍ଥିକ କାରବାର ଏବଂ ସମ୍ଭାବ୍ୟ ନିବେଶର ତଦନ୍ତ କରୁଛି । ଯେଉଁ ଆପ୍‌ର ପ୍ରଚାର ଧାୱନ ସୋସିଆଲ ମିଡିଆରେ କରିଥିଲେ, ଇଡି ଏବେ କ୍ରିକେଟରଙ୍କୁ ପ୍ରଚାରମୂଳକ କାର୍ଯ୍ୟକଳାପରେ ତାଙ୍କର ଭୂମିକା ସ୍ପଷ୍ଟ କରିବା ପାଇଁ ତଦନ୍ତରେ ସାମିଲ ହେବାକୁ କହିଛି ।


# ଶିଖରଙ୍କୁ ସମନ



ଗତ ବର୍ଷଠାରୁ ଅନେକ ବଲିଉଡ୍ ଏବଂ ଦକ୍ଷିଣ ଭାରତୀୟ ଫିଲ୍ମ ତାରକା ଏବଂ କ୍ରିକେଟରଙ୍କୁ ବେଆଇନ ବେଟିଂ ଆପ୍‌ର ପ୍ରଚାର କରିବା ନେଇ ଇଡି ସମନ ଜାରି କରିସାରିଛି । ଏହି ତାଲିକାରେ ଅଭିନେତା ବିଜୟ ଦେବରାକୋଣ୍ଡା, ରାଣା ଦାଗ୍‌ଗୁବତୀ, ପ୍ରକାଶ ରାଜ, କ୍ରିକେଟର ହରଭଜନ ସିଂ, ଅଭିନେତ୍ରୀ ଉର୍ବଶୀ ରୌତେଲା ଏବଂ କ୍ରିକେଟର ସୁରେଶ ରାଇନା ସାମିଲ ଅଛନ୍ତି । ଗତମାସରେ ସୁରେଶ ରାଇନାଙ୍କୁ ପଚରାଉଚରା କରିଥିଲା ଇଡି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିଯୋଗ କରିଛି ଯେ, ଗିରଫ କର୍ଣ୍ଣାଟକ କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ରଙ୍କ ଦ୍ୱାରା ପରିଚାଳିତ ଅନଲାଇନ୍ ବେଟିଂ ସାଇଟଗୁଡ଼ିକ ଅଳ୍ପ ସମୟ ମଧ୍ୟରେ ୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପାଣ୍ଠି ସଂଗ୍ରହ କରିଥିଲା । ଅବୈଧ ଅନଲାଇନ୍ ବାଜି ମାଧ୍ୟମରେ ଜନସାଧାରଣଙ୍କୁ ଠକିବାର କାମ କରୁଥିଲେ ବୀରେନ୍ଦ୍ର ।

# ମନେପଡ଼ିଲା ମୃତ ପ୍ରଶଂସକଙ୍କ କଥା


ଆଇପିଏଲର ୧୮ତମ ସିଜିନ୍ ୨୦୨୫ରେ ଖେଳାଯାଇଥିଲା, ଯେଉଁଥିରେ ପ୍ରଥମ ଥର ପାଇଁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଜିତିଥିଲା । ଆରସିବି ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିଲା । ଯାହାକୁ ଆରସିବି ୬ ରନରେ ଜିତିଥିଲା । ଯଦିଓ ମ୍ୟାଚ୍ ଅହମ୍ମଦାବାଦରେ ଥିଲା, ଆରସିବି ଫାଇନାଲ୍ ପରଦିନ ବେଙ୍ଗାଲୁରୁରେ ଟ୍ରଫି ଜିତିବା ଉତ୍ସବ ପାଳନ କରିବାକୁ ଚିନ୍ତା କରିଥିଲା । କିନ୍ତୁ ଏହି ଉତ୍ସବ ଶୋକରେ ପରିଣତ ହୋଇଥିଲା । ଅନେକ ଆରସିବି ପ୍ରଶଂସକ ସେମାନଙ୍କ ଜୀବନ ହରାଇଥିଲେ । ତେବେ ଦୁର୍ଘଟଣାର ତିନି ମାସ ପରେ ବିରାଟ କୋହଲିଙ୍କର ଏବେ ଏହି କଥା ମନେପଡିଛି । ଏହାକୁ ନେଇ ବିରାଟ କୋହଲି କହିଛନ୍ତି, ଜୀବନରେ କିଛି କଥା ଆପଣଙ୍କୁ



ଜୁନ୍ ୪ ଭଳି ହୃଦୟ ବିଦାରକ ଘଟଣା ପାଇଁ ପ୍ରସ୍ତୁତ କରେ ନାହିଁ, ଯାହା ଆମ ଫ୍ରାଞ୍ଚାଇଜିର ଇତିହାସରେ ସବୁଠାରୁ ଖୁସିର ମୁହୂର୍ତ୍ତ ହେବାର ଥିଲା । ଏହା ଏକ ଦୁଃଖଦ ମୁହୂର୍ତ୍ତରେ ପରିଣତ ହୋଇଥିଲା । ମୁଁ ସେହି ଲୋକଙ୍କ ପରିବାର ପାଇଁ ଭାବୁଛି ଏବଂ ପ୍ରାର୍ଥନା କରୁଛି । ଆମର ପ୍ରଶଂସକମାନେ ଆହତ ହୋଇଥିଲେ । ଆପଣଙ୍କ କ୍ଷତି ଏବେ ଆମର କାହାଣୀର ଏକ ଅଂଶ । ଏକାଠି ଆମେ ସମ୍ମାନ ଏବଂ ଦାୟିତ୍ୱ ସହିତ ଆଗକୁ ବଢ଼ିବୁ । ଉଲ୍ଲେଖ ଥାଉ କି ଏହି ଘଟଣାରେ ୧୧ ଜଣ ପ୍ରାଣ ହରାଇଥିଲେ । ସୂଚନା ଥାଉ କି ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆଶାଠାରୁ ଅଧିକ ଭିଡ଼ ଜମା ହୋଇଥିଲା । ଏହା ପରେ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୧ ଜଣ ଆର୍‌ସିବି ପ୍ରଶଂସକଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ, ବିରାଟ କୋହଲି ଘଟଣାର ୩ ମାସ ପରେ ଏହି ଦୁର୍ଘଟଣାକୁ ମନେ ପକାଇଛନ୍ତି । ଏହି ଘଟଣାକୁ ନେଇ ଆରସିବି ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛି ।

# ଇତିହାସ ରଚିଲେ ସାଇରାଜ

ରାଜ୍ୟଗୋଷ୍ଠୀ ଭାରଉତ୍ତୋଳନରେ ୩୪୮ କେଜି ଓଜନ ଉଠାଇ ଏକାଧିକ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି ମହାରାଷ୍ଟ୍ରର ଜଣେ କବାଡ଼ିଆ ଦୋକାନିଙ୍କ ପୁଅ ସାଇରାଜ ପରଦେଶୀ...



ଭାରତର ୧୮ ବର୍ଷୀୟ ଭାରଉତ୍ତୋଳନକାରୀ ସାଇରାଜ ପରଦେଶୀ ଇତିହାସ ରଚିଛନ୍ତି । ଅହମଦାବାଦରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରଉତ୍ତୋଳନ ଚାମ୍ପିଅନସିପ୍‌ରେ ସେ ଭାରତ ପାଇଁ ଜିତିଥିଲେ ଐତିହାସିକ ସ୍ୱର୍ଣ୍ଣ । ପୁରୁଷ ୮୮ କେଜି ବର୍ଗରେ ଭାଗ ନେଇଥିବା ସାଇରାଜ ମୋଟ୍ ୩୪୮ କେଜି (୧୫୭ କେଜି ସ୍ନାଚ ଓ ୧୯୧ କେଜି କ୍ଲିନ ଏବଂ ଜର୍କ) ଉଠାଇ ଦେଶକୁ ଗୌରବାନ୍ୱିତ କରିଛନ୍ତି । ସେ ୩୪୮ କେଜି ଓଜନ ଉଠାଇ ଏକାଧିକ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି । ମହାରାଷ୍ଟ୍ରରେ ଜନ୍ମ ହୋଇଥିବା ସାଇରାଜ ଜଣେ କବାଡିଆ ଦୋକାନୀଙ୍କ ପୁଅ । ସେ ମଧ୍ୟ ମନମାଡଠାରେ ଥିବା ବାପାଙ୍କ କବାଡିଆ ଦୋକାନରେ କାମ କରିବା ସହ ଜିନିଷ ସଂଗ୍ରହ କରନ୍ତି ।

ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସାଇରାଜ ପ୍ରଥମଥର ଏପରି ସଫଳତା ପାଇନାହାନ୍ତି, ଏହା ପୂର୍ବରୁ ଦୋହାରେ ଆୟୋଜିତ ଏସିଆନ ୟୁଥ ଓ ଜୁନିୟର ଚାମ୍ପିଅନସିପରେ ସ୍ୱର୍ଣ୍ଣ ଜିତିଥିଲେ । ସେତେବେଳେ ସେ ରେକର୍ଡ ୩୧୦ କେଜି ଉଠାଇଥିଲେ । ୨୦୨୪ ରାଜ୍ୟଗୋଷ୍ଠୀ ୟୁଥ ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ସେ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ଜିତିଥିଲେ । ସେ ସବୁବେଳେ ପରବର୍ତ୍ତୀ କୀର୍ତ୍ତିମାନ ହାସଲ ଲକ୍ଷ୍ୟରେ ରହିଛନ୍ତି । ଏହି ୧୮ ବର୍ଷୀୟ ଭାରଉତ୍ତୋଳନକାରୀ ଜଣଙ୍କ ୨୦୨୫ ଜାତୀୟ କ୍ରୀଡ଼ା ଉପରେ ନଜର ରଖିଛନ୍ତି । ସେଠାରେ ପଦକ ଜିତିବା ତାଙ୍କର ଏକମାତ୍ର ଲକ୍ଷ୍ୟ । କ୍ରୀଡ଼ାରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ସାଇରାଜ ଏବେ ଦ୍ୱାଦଶ ଶ୍ରେଣୀର ଛାତ୍ର । ତେଣୁ ସେ ବୋର୍ଡ ପରୀକ୍ଷାରେ ମଧ୍ୟ ଭଲ କରିବାକୁ ଲାଗି ପଡ଼ିଛନ୍ତି । ସେ କହିଛନ୍ତି, ଏଯାଏ ମୁଁ କିଛି ବି ପାଠପଢ଼ି ନାହିଁ । କିନ୍ତୁ ମୁଁ ୧୫ ଦିନ ପ୍ରସ୍ତୁତ ହେଲେ ପରୀକ୍ଷାରେ ଭଲ କରିପାରିବି ।

୩୪୮ କେଜି (୧୫୭ କେଜି ସ୍ନାଚ ଓ ୧୯୧ କେଜି କ୍ଲିନ ଏବଂ ଜର୍କ) ଉଠାଇ ଏସିଆନ ୟୁଥ ଓ ଜୁନିୟର ଚାମ୍ପିଅନସିପରେ ନୂଆ ରେକର୍ଡ କରିଛନ୍ତି ସାଇରାଜ । ପୂର୍ବରୁ ରାଜ୍ୟଗୋଷ୍ଠୀ ଜୁନିୟର ବର୍ଗ ସ୍ନାଚ ରେକର୍ଡ ଫିଜିର ନେହେମୈଆ ଇଲଡରଙ୍କ ନାଁରେ ଥିଲା । ସେ ୧୫୫ କେଜି ଉଠାଇଥିଲେ । ସାଇରାଜ ଫିଜିର ଇଲଡରଙ୍କ ବ୍ୟତୀତ ନିଜର ଜୁନିୟର କ୍ଲିନ ଓ ଜର୍କ(୧୮୬ କେଜି) ରେକର୍ଡକୁ ମଧ୍ୟ ଭାଗିଛନ୍ତି । କାରଣ ଏଥର ସେ ୧୯୧ କେଜି ଓଜନ ଉଠାଇଛନ୍ତି । ସାଇରାଜ ଯେତିକି ଓଜନ ଉଠାଇଛନ୍ତି, ସେ ସିନିୟର ଇଭେଣ୍ଟରେ ମଧ୍ୟ ବେଶ ଆରମରେ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ । ସିନିୟର ବର୍ଗରେ କାନାଡାର ବ୍ରାୟଡନ କେନ୍ନେଡୀ ୩୪୭ କେଜି ସହ (୧୬୪ କେଜି ୧୮୩ କେଜି) ୧ନଂରେ ରହିଛନ୍ତି ।



# ଚର୍ଚ୍ଚାକୁଇନ୍ ତାନ୍ୟା

**ଆରମ୍ଭ ହୋଇଛି ଚର୍ଚ୍ଚିତ ରିଆଲିଟି ଶୋ ବିଗ୍ ବସ୍, ଯେଉଁଥିରେ ଜଣେ ପ୍ରତିଯୋଗୀ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ସେ ହେଉଛନ୍ତି ତାନ୍ୟା ମିତ୍ତଲ । ତେବେ ତାଙ୍କୁ ସୋସିଆଲ ମିଡିଆରେ କଣ୍ଟ୍ରୋଭର୍ସି କୁଇନର ଆଖ୍ୟା ଦିଆଯାଇଛି ।**



ବିଗବସରେ ପ୍ରତିଟି ସିଜିନରେ ଏଭଳି ଅନେକ ପ୍ରତିଯୋଗୀ ରହିଥାଆନ୍ତି ଯେଉଁମାନେ ଖୁବ ଚର୍ଚ୍ଚା ସାଉଁଟିଥାଆନ୍ତି । ସେମାନେ କେତେବେଳେ ଭଲ ପାଇଁ ଚର୍ଚ୍ଚାରେ ରହୁଥିବାବେଳେ କେତେବେଳେ ବିବାଦରେ ରୁହନ୍ତି । ଚଳିତ ସିଜିନରେ ସେହିଭଳି ଜଣେ ପ୍ରତିଯୋଗୀ ହଲେ ତାନ୍ୟା ମିତ୍ତଲ, ଯାହାଙ୍କୁ କଣ୍ଟ୍ରୋଭର୍ସି କୁଇନର ଆଖ୍ୟା ମିଳିଛି । ବିଗବସରେ ସେ ନିଜ ଜୀବନଶୈଳୀକୁ ନେଇ ଏଭଳି କିଛି ମନ୍ତବ୍ୟ ଦେଇଛନ୍ତି ଯାହାକୁ ନେଇ ବିବାଦ ଉଠିଛି । ତାଙ୍କର କିଛି ଏଭଳି ମନ୍ତବ୍ୟ ମଧ୍ୟ ରହିଛି ଯାହାକୁ ବିଶ୍ୱାସ କରିବା ମଧ୍ୟ କଷ୍ଟ ବୋଲି ଅନଲାଇନରେ ମତ ପ୍ରକାଶ ପାଇଛି । ସେ ବାଥରୁମରେ ମଧ୍ୟ ଶାଢ଼ି ପିନ୍ଧିଥାଆନ୍ତି ବୋଲି ମତ ଦେଇଥିଲେ ଯାହାପରେ ବିଗବସ ସହିତ ଅନଲାଇନରେ ମଧ୍ୟ ଖୁବ ଚର୍ଚ୍ଚା ହୋଇଥିଲା । ଏହା ଶୁଣିବା ପରେ ତାନ୍ୟାଙ୍କୁ ସମସ୍ତେ ସମାଲୋଚନା କରିବାକୁ ଲାଗିଥିଲେ । ତେବେ ଚର୍ଚ୍ଚାରେ ରହିବାକୁ ତାନ୍ୟାଙ୍କର ଏହା ଟ୍ରିକ ହୋଇପାରେ ବୋଲି ମଧ୍ୟ କିଛି ମନ୍ତବ୍ୟ ଦେଉଛନ୍ତି । ହାଉସ ଭିତରେ ସେ ଏଭଳି ଅନେକ ମନ୍ତବ୍ୟ ଦେଉଛନ୍ତି ଯାହା ଦର୍ଶକଙ୍କୁ ପସନ୍ଦ ଆସୁନି । ତେବେ ଏହା ବ୍ୟତିତ ତାନ୍ୟା ନିଜର ଷ୍ଟାଇଲଷ୍ଟେଟମେଣ୍ଟ ପାଇଁ ଚର୍ଚ୍ଚାରେ ଅଛନ୍ତି । ତାନ୍ୟାଙ୍କ ଗେଟଅପକୁ ସମସ୍ତେ ପସନ୍ଦ କରୁଛନ୍ତି, ସେ ବିଗବସରେ ଖୁବ ଷ୍ଟାଇଲିଷ୍ଟ ଅନ୍ଦାଜରେ ରହୁଥିବା ମତ ପ୍ରକାଶ ପାଇଛି । ତାଙ୍କ ଶାଢୀକୁନେଇ ବାହାରେ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି । ତାନ୍ୟା ମିତ୍ତଲ କେବଳ ବିଗବସ ନୁହେଁ ବରଂ ଏହା ପୂର୍ବରୁ ମଧ୍ୟ ଖୁବ ଚର୍ଚ୍ଚିତ ଚେହେରା ଥିଲେ । ସେ ଜଣେ ଇନ୍‌ଫ୍ଲୁଏନ୍ସର, ପୋଡକାଷ୍ଟର ଓ ମଡେଲ ଭାବେ ପରିଚିତ । ତାଙ୍କର ନିଜସ୍ୱ ବ୍ୟବସାୟ ମଧ୍ୟ ରହିଛି । ସୋସିଆଲ ମିଡିଆରେ ଖୁବ ପରିଚିତ ହେଉଛନ୍ତି ତାନ୍ୟା । ତାଙ୍କର ସୋସିଆଲ ମିଡିଆରେ ପାଖାପାଖି ୨.୫ ମିଲିଅନ ଫଲୋଅର୍ସ ରହିଛନ୍ତି । ସେ ଜଣେ ବ୍ଲଗର ଭାବେ ଖୁବ ପରିଚିତ । ତାଙ୍କ ପେଜରେ ସବୁବେଳେ ମୋଟିଭେସନାଲ ପୋଷ୍ଟ, ଲାଇଫଷ୍ଟାଇଲ ପୋଷ୍ଟ ସେୟାର ହୋଇଥାଏ । ୨୦୧୮ ରେ ସେ ମିସ ଏସିଆ ଟୁରିଜିମ୍ ଭାବେ ବିଜେତା ହୋଇଥିଲେ ଏହାସହିତ ସେ ମିସ ଏସିଆ ଟୁରିଜିମ୍ ୟୁନିଭର୍ସ ପେଗାଣ୍ଟରେ ଭାରତକୁ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ । ଏହାପରେ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପପୁଲାରିଟି ମିଳିଥିଲା । ମଧ୍ୟପ୍ରଦେଶରେ ଜନ୍ମିତ ତାନ୍ୟାଙ୍କୁ ତାଙ୍କ ପରିବାର ସବୁବେଳେ ଖୁବ ସପୋର୍ଟ କରିଥାଆନ୍ତି । ସେ ସବୁବେଳେ ନିଜ ପରିବାରକୁ ତାଙ୍କ ସଫଳତାର ଶ୍ରେୟ ଦେଉଥିବାର ଦେଖିବାକୁ ମିଳିଥାଏ । ତାଙ୍କର ନିଜର ବ୍ରାଣ୍ଡ ରହିଛି ହ୍ୟାଣ୍ଡମେଡ ଉଇଥ୍ ଲଭ ବାଏ ତାନ୍ୟା, ଯେଉଥିରେ ହ୍ୟାଣ୍ଡବ୍ୟାଗ୍ ଓ ଶାଢ଼ି ମିଳିଥାଏ । ତାଙ୍କ ନିଜସ୍ୱ ପୋଡକାଷ୍ଟ ଯାହାକୁ ସେ ନିଜେ ଆଙ୍କରିଂ କରିଥାଆନ୍ତି ଲୋକଙ୍କୁ ଖୁବ ପସନ୍ଦ ଆସିଥାଏ । ଏଥିରେ ବିଭିନ୍ନ ପ୍ରକାର ଗେଷ୍ଟ ସାମିଲ ହୋଇଥାଆନ୍ତି । ତାଙ୍କର ଆଗ୍ରହ ପିଲାଦିନୁ ଡିଜାଇନିଂ ଓ କ୍ରିଏଟିଭିଟିରେ ରହିଥିଲା, ଯାହାକୁ ସେ ବଡ ହୋଇ ବ୍ୟାବସାୟରେ ପରିଣତ କରିଛନ୍ତି । ସେହିଭଳି ବିଗବସରେ ଜିତିବାର ମନଭାବ ନେଇ ଆଗକୁ ବଢୁଛନ୍ତି ତାନ୍ୟା ।

